୬ ଚାମ୍ପିୟନ୍ସ ଟ୍ରଫି ବିଜେତାଙ୍କ ପୁରସ୍କାର ରାଶି ଘୋଷଣା କଲା ଆଇସିସି





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୨୦ ● ୧୫ ଫେବୃଆରୀ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-20 ● 15th February 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ମୋଦି-ଟ୍ରମ୍ପ ଆଲୋଚନା

# ଏଫ୍-୩୫ ଲଢୁଆ ଯୁଦ୍ଧ ବିମାନ ମିଳିବା ପାଇଁ ସବୁଜ ସଙ୍କେତ





**ନୂଆଦିଲ୍ଲୀ, ୧୪।୨**

ଭାରତ-ଆମେରିକା ମିଳିତ ପ୍ରେସ୍ କନଫରେନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ଓ ଆତିଥେୟତା ପ୍ରଦର୍ଶନ କରିଥିବାରୁ ସେ ସର୍ବପ୍ରଥମେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ । ଭାରତ ଓ ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିଥିବାରୁ ଟ୍ରମ୍ପଙ୍କ ନେତୃତ୍ୱକୁ ମୋଦି ଧନ୍ୟବାଦ ଜ୍ଞାପନ କରିଥିଲେ ।

ଆମେରିକା ଭାରତକୁ ଏହାର ସବୁଠାରୁ ଅତ୍ୟାଧୁନିକ ଯୁଦ୍ଧ ବିମାନ ଏଫ-୩୫ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ଭାରତ ପାଇଁ ଏଫ-୩୫ ଲଢୁଆ ବିମାନ ପାଇବାର ପଥ ଖୋଲି ଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ କହିଛନ୍ତି ଯେ ତାଙ୍କ ଦେଶ ଭାରତକୁ ଏଫ-୩୫ ଯୁଦ୍ଧ ବିମାନ ଯୋଗାଇବ। ଭାରତ ସହିତ ପ୍ରତିରକ୍ଷା ସହଯୋଗ ବିଷୟରେ ଟ୍ରମ୍ପ କହିଛନ୍ତି ଯେ ଭାରତକୁ ଖୁବ ଶୀଘ୍ର ଏଫ-୩୫ ଲଢୁଆ ବିମାନ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି କଥା କହିଛନ୍ତି । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଭାରତ ସହିତ ପ୍ରତିରକ୍ଷା ସହଯୋଗକୁ ଆହୁରି ବୃଦ୍ଧି କରିବ। ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହି ବର୍ଷଠାରୁ ଆମେ ଭାରତକୁ ଅନେକ ବିଲିୟନ ଡଲାରର ପ୍ରତିରକ୍ଷା ସାମଗ୍ରୀ ବିକ୍ରୟ ବୃଦ୍ଧି କରିବୁ । ସେ କହିଛନ୍ତି ଯେ ଲକହିଡ ମାର୍ଟିନ ଏଫ-୩୫ ଯୁଦ୍ଧ ବିମାନ ଭାରତକୁ ଦିଆଯିବ।

ଏଫ-୩୫ ଲଢୁଆ ବିମାନ ଏକ ପଞ୍ଚମ ପିଢ଼ିର ଲଢୁଆ ଯୁଦ୍ଧ ବିମାନ। ଏହି ମାସର ଆରମ୍ଭରେ, ଏହା ବେଙ୍ଗାଲୁରୁର ୟେଲାହାଙ୍କା ବାୟୁସେନା ଷ୍ଟେସନରେ ଏସିଆର ସର୍ବବୃହତ ଏରୋସ୍ପେସ ଏବଂ ପ୍ରତିରକ୍ଷା ପ୍ରଦର୍ଶନୀ ଏରୋ ଇଣ୍ଡିଆର ୧୫ତମ *(ପୃଷ୍ଠା ୭ରେ)*

## ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କଲେ

# ଲକ୍ଷପତି ଦିଦି ସହାୟତା ଯୋଜନା

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍ ବ୍ୟୁରୋ**



ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ବିବୃତ୍ତି ପ୍ରଦାନ କରି ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧିନରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ନିଯୁକ୍ତି ଓ ପାରିଶ୍ରମିକ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ। ସେ କହିଥିଲେ ୨୦୧୨ ମସିହା ଏପ୍ରିଲ ୧ ତାରିଖରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧିନରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକାରୀ ହେଉଛି। ଏଥିରେ ଗ୍ରାମୀଣ ପରିବାରମାନଙ୍କ ଜୀବନ ଜୀବିକାରେ ଉନ୍ନତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପରିବାରର ମହିଳାଙ୍କୁ ସାମିଲ୍ କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀ ଆଞ୍ଚଳିକ ମଞ୍ଚ ଏବଂ ଗ୍ରାମ ପଞ୍ଚାୟତ ସଂଘ ଗୁଡ଼ିକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କୁ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ସିଆରପି-ସିଏମ୍ ମାଷ୍ଟର ବୁକ୍ କିପର, ବ୍ୟାଙ୍କ ମିତ୍ର ଓ ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ। ରାଜ୍ୟରେ ମୋଟ ୬୨୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା। ତେବେ ବିଗତ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଜିପିଏଲ୍‌ଏଫ୍‌ମାନେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରି ନାହାଁନ୍ତି। ତେଣୁ କମ୍ୟୁନିଟି ସପୋର୍ଟ ଷ୍ଟାଫ ୧୦ ମାସ ଧରି ପାରିଶ୍ରମିକ ପାଇପାରି ନାହାଁନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ମାଆ ମାନଙ୍କର ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି ଯୋଜନା" କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାର ରୋଜଗାରକ୍ଷମ କରାଇବା ପାଇଁ ପ୍ରୟାସ କରାଯାଉଛି। ରାଜ୍ୟ ସରକାର ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏତଦ୍‌ବ୍ୟତୀତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ସମୃଦ୍ଧ ଓଡ଼ିଶା ଗଢିବା ଆମ ସରକାରଙ୍କର ଉଦ୍ଦେଶ୍ୟ। ଏଥିପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାଆମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। "ଲକ୍ଷପତି ଦିଦି ସହାୟତା ଯୋଜନା" ନାମରେ ଏକ ନୂତନ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ଯୋଜନା ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ବର୍ତ୍ତମାନ ପାଇଁ ସରକାର ବହନ କରିବେ ଏବଂ ଏଥିପାଇଁ ଜିପିଏଲ୍‌ଏଫ୍ ମାନଙ୍କୁ ଅନୁଦାନ ପ୍ରଦାନ କରିବେ। ଏହି ନିଷ୍ପତ୍ତି ଦ୍ୱାରା ୬୨ ହଜାରରୁ ଉର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ ଲାଭବାନ ହେବେ ଏବଂ ସେମାନେ ଏପ୍ରିଲ ୨୦୨୪ ଠାରୁ ତାଙ୍କର ପାରିଶ୍ରମିକ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ବିବୃତ୍ତି ମାଧ୍ୟମରେ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ପ୍ରଦାନ ପରେ ବାଚସ୍ପତିଙ୍କ ଅନୁମତି କ୍ରମେ ବିଧାନସଭା ସଚିବ ରାଜ୍ୟପାଳଙ୍କ ସମ୍ମତି ଲାଭ କରିଥିବା ବିଲ୍ ତାଲିକା ଗୃହରେ ଉପସ୍ଥାପନ କରିଥିଲେ। ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଆଗତ କରି ଏହା ଉପରେ ଆଲୋଚନା କରିଥିଲେ।

## ୧୯୯୧ ଉପାସନା ସ୍ଥଳ ଆଇନ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ସାଂସଦ

**ନୂଆଦିଲ୍ଲୀ, ୧୪।୨**

ସମାଜବାଦୀ ପାର୍ଟି ନେତ୍ରୀ ତଥା କୈରାନା ସାଂସଦ ଇକ୍ରା ଚୌଧୁରୀ ୧୯୯୧ ଅଗଷ୍ଟ ୧୫ ତାରିଖରେ କୌଣସି ସ୍ଥାନର ଧାର୍ମିକ ଚରିତ୍ରକୁ ବଜାୟ ରଖିବାକୁ ବାଧତାମୂଳକ କରୁଥିବା ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ର ପ୍ରଭାବଶାଳୀ ରୂପାୟନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ସାଂସଦଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ଆବେଦନ ଉପରେ ଶୁଣାଣି କରି ନୋଟିସ ଜାରି ନକରି ଫେବୃଆରୀ ୧୭ ତାରିଖରେ ଅନ୍ୟ ବିଚାରାଧୀନ ଆବେଦନଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ୟୁପିର କୈରାନାର ଲୋକସଭା ସାଂସଦ ଦେଶର ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏବଂ ଧର୍ମନିରପେକ୍ଷ ଢାଞ୍ଚା ପ୍ରତି ବିପଦ ସୃଷ୍ଟି କରୁଥିବା ମସଜିଦ ଏବଂ ଦରଗାକୁ ଟାର୍ଗେଟ କରି ଆଇନଗତ *(ପୃଷ୍ଠା ୭ରେ)*

## ଆଇନଶୃଙ୍ଖଳା ଓ ଚାଷୀ ପ୍ରସଙ୍ଗ ନେଇ ବିରୋଧୀଙ୍କ ନାରାବାଜି ହଟ୍ଟଗୋଳ

# ହୋଇପାରିଲାନି ପ୍ରଶ୍ନୋତ୍ତର, ଶୂନ୍ୟକାଳ ଓ ମୁଲତବୀ ଆଲୋଚନା

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍ ବ୍ୟୁରୋ**

ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ତଥା ଚଳିତ ବଜେଟ ଅଧିବେଶନର ଶୁକ୍ରବାର ଦ୍ୱିତୀୟ ଦିବସ ବୈଠକ ଆରମ୍ଭରୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଚାଷୀ ସମସ୍ୟା ବିଷୟ ଉଠାଇ ଗୃହର ମଧ୍ୟଭାଗକୁ ଚାଲିଆସି ନାରାବାଜି ଚଳାଇବାରୁ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢୀ ବିରୋଧୀ ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ *(ପୃଷ୍ଠା ୭ରେ)*



# ପୁଲୱାମା ବାର୍ଷିକୀରେ ପାକିସ୍ତାନକୁ ଚେତାବନୀ ଦେଲେ ଶାହ

**ହଲଦ୍ୱାନୀ, ୧୪।୨**



ପୁଲୱାମା ଆକ୍ରମଣର ବାର୍ଷିକୀ ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ସହିଦ ଯବାନଙ୍କୁ ମନେ ପକାଇଛନ୍ତି । ଭାରତର ସେନା ଏବଂ ସୀମା ସହ ଖେଳ ଖେଳିବାକୁ ଚେଷ୍ଟା କର ନାହିଁ ବୋଲି ସେ ସ୍ପଷ୍ଟ ଭାଷାରେ ପାକିସ୍ତାନକୁ ଚେତାବନୀ ଶୁଣାଇଛନ୍ତି । ଉତ୍ତରାଖଣ୍ଡର ହଲଦ୍ୱାନୀରେ ଆୟୋଜିତ '୩୮ତମ ଜାତୀୟ କ୍ରୀଡ଼ା'ର ସମାପନୀ ସମାରୋହକୁ ସମ୍ବୋଧିତ କରି ଶାହ ଏହା କହିଛନ୍ତି।

ଅମିତ ଶାହ କହିଛନ୍ତି ୨୦୧୯ ଆଜିର ଦିନରେ ପୁଲୱାମାରେ ଆମର ୪୦ ଜଣ ଯବାନ ସହିଦ ହୋଇଥିଲେ। ଏହି ସୈନିକଙ୍କ ବଳିଦାନ କେବଳ ଦେଶକୁ ସୁରକ୍ଷିତ କରିନଥିଲା ବରଂ ଏହି ଯବାନମାନେ ସହିଦ ହେବା ପରେ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ପ୍ରଧାନମନ୍ତ୍ରୀ ମୋଦି ଏୟାର ଷ୍ଟ୍ରାଇକ କରିଥିଲେ। ସେଥିପାଇଁ *(ପୃଷ୍ଠା ୭ରେ)*

# ସସ୍‌ପେଣ୍ଡ ଓ ବହିଷ୍କାର ଆଦେଶ ପ୍ରତ୍ୟାହାର ଦଳକୁ ଫେରିବେ କଂଗ୍ରେସ ନେତା

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍ ବ୍ୟୁରୋ**



କଂଗ୍ରେସ ଦଳରୁ ସସ୍‌ପେଣ୍ଡ ଓ ବହିଷ୍କୃତ ହୋଇଥିବା ନେତାମାନେ ପୁଣିଥରେ ଦଳକୁ ଫେରିବେ। ଏଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସର୍ବକ୍ଷମା ଅନୁରୋଧ ପତ୍ର ଜାରି କରାଯାଇଛି । ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ ଏନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବ ବହିଷ୍କାର ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି। ଏଥି ସହିତ ସେ ଦଳ ଛାଡ଼ିଥିବା ନେତାଙ୍କୁ ଦଳକୁ ଫେରିବାକୁ ଅନୁରୋଧ ମଧ୍ୟ ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଟୁଇଟ କରି ଶ୍ରୀ ଦାସ *(ପୃଷ୍ଠା ୭ରେ)*

# ଭଗବାନ ବୁଦ୍ଧଙ୍କ ଶିକ୍ଷାରେ ରହିଛି ପରିବେଶ ସଙ୍କଟର ସମାଧାନ

**ବ୍ୟାଙ୍କକ, ୧୪।୨**



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଥାଇଲାଣ୍ଡରେ ଆୟୋଜିତ ପ୍ରେସ୍‌ମିଟକୁ ଭିସି ଜରିଆରେ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ସେ ଭଗବାନ ବୁଦ୍ଧଙ୍କ ବାର୍ତ୍ତା କଥା ଉଠାଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ବିଶ୍ୱ ପରିବେଶ ସଙ୍କଟରେ ଘେରି ରହିଛି । ଭଗବାନ ବୁଦ୍ଧଙ୍କ ଶିକ୍ଷାରେ ପରିବେଶ ସଙ୍କଟର ସମାଧାନ ରହିଛି ।

ସେ କହିଛନ୍ତି ଯେ, ପରିବେଶ ସଙ୍କଟ ଓ ଚାପ ପରି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଭଗବାନ ବୁଦ୍ଧଙ୍କ ଶିକ୍ଷା ମିଶିଥାଏ । ତାଙ୍କ ସଂଯମର ସିଦ୍ଧାନ୍ତ ଆଜି ବୈଶ୍ୱିକ ଚ୍ୟାଲେଞ୍ଜ ସାମ୍ନା କରିବାରେ ଆମର ମାର୍ଗଦର୍ଶନ କରିଥାଏ । ଆଜି ସଂଘର୍ଷ ଦେଶ ଓ ଲୋକଙ୍କ ମଧ୍ୟରେ ନାହିଁ ବରଂ ଏହାଠାରୁ ଆଗକୁ ବଢି ପରିବେଶ ସଙ୍କଟ ଯାଏ ପହଞ୍ଚିଛି । ଏହାଦ୍ୱାରା ଆମର ଗ୍ରହ ପାଇଁ ବିପଦ ସୃଷ୍ଟି ହୋଇପାରେ । ହିନ୍ଦୁ ଧର୍ମ ବୌଦ୍ଧ ଧର୍ମ ଓ ଅନ୍ୟ ଏସିଆ ପରମ୍ପରା ଆମକୁ ଶିକ୍ଷା ଦେଇଥାଏ ଯେ, ଆମେ ନିଜକୁ ପରିବେଶରୁ ଭିନ୍ନ ନଦେଖି ଏହାର ଅଂଶ ମାନିବା ଆବଶ୍ୟକ ।

# ରାଜ୍ୟରେ ଅଛନ୍ତି ୫୨୮୪ ଭିକାରୀ

**ଭୁବନେଶ୍ୱର, ୧୪।୨ : ନ୍ୟୁଜ୍ ବ୍ୟୁରୋ**

ସରକାରୀ ହିସାବ ଅନୁସାରେ ରାଜ୍ୟରେ ଅଛନ୍ତି ୫୨୮୪ ଭିକାରୀ । ଏଥି ମଧ୍ୟରୁ କଟକରେ ସର୍ବାଧିକ ୧୦୬୦ ଭିକାରୀ ରହିଥିବା ବେଳେ ରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡରେ ୪୧୭, ପୁରୀରେ ୩୫୦ ଭିକାରୀ ରହିଛନ୍ତି । ଶୁକ୍ରବାର ବିଧାନସଭାରେ ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ରାଜ୍ୟକୁ ଭିକାରୀ ମୁକ୍ତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀ ଠାରେ ନୀଳାଦ୍ରି ନିଳୟ, ଭୁବନେଶ୍ୱରରେ ଏକାମ୍ର ନୀଳୟ ଅଭିଯାନ କରାଯାଇ ଭୀକ୍ଷୁକ ମୁକ୍ତ କରିବା ଯୋଜନା ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏକାଳ ପଖାଳ



କଳିଗୋଳ ପାଇଁ ହେଉଛି ଗୃହ
କାମରୁ ଲାଗୁଛି ସେୟା
ଚୁଟି ଟଣାଟଣି ସମୟ ଟାଣୁଛି
ଜନେ ଦେଖି ଶୁଣି ବାୟା
ନାରୀଜାତି ଆଉ ନାହିଁ ଭାୟା
ତାଙ୍କ ରେକର୍ଡକୁ ନେତା କାଟିଲେଣି
ପ୍ରବଳ ତାଙ୍କର ମାୟା।

# ଅରୁଣଙ୍କୁ ଓଡ଼ିଆ ଅସ୍ମିତାର ଅର୍ଥ ବୁଝାଇଲେ ସୂର୍ଯ୍ୟବଂଶୀ



**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ଶୁକ୍ରବାର ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ବିଜେଡ଼ି ବିଧାୟକ ଡ. ଅରୁଣ ସାହୁ ଏବଂ ଶାସକ ଦଳରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ବିଧାୟକ ଡ. ସାହୁ ଓଡ଼ିଆ ଅସ୍ମିତାର ଅର୍ଥର ମାନେ କ'ଣ ବୋଲି ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଆ ଅଭିଧାନରେ ଦିଆଯାଇଥିବା ଅର୍ଥକୁ ଉଲ୍ଲେଖ କରି, ଅସ୍ମିତା ଶବ୍ଦର ବ୍ୟାଖା କରିଥିଲେ। ସେ ଦର୍ଶାଇଥିଲେ ଅସ୍ମିତାର ଅର୍ଥ ମୁଁ ପଣ ଏବଂ ଅହଂଜ୍ଞାନ, ଏପରିକି ମୁଁ ଭାବ, ମୁଁ ଅଛି ଏବଂ ଆତ୍ମ ପରିଚିତି । ଏପରି ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସୂରଜ ପ୍ରଶ୍ନକର୍ତ୍ତା ଡ. ସାହୁଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ।

ଅନ୍ୟପକ୍ଷରେ ବିଧାୟକ ଶ୍ରୀ ସାହୁ କହିଥିଲେ ଅସ୍ମିତାର ଅର୍ଥ ମନ୍ତ୍ରୀ ତାଙ୍କ ଉତ୍ତରରେ ଯେଉଁ ପ୍ରକାରେ ବୁଝାଇବାକୁ ଚେଷ୍ଟା କରିଛନ୍ତି ତାହା ସଂପୂର୍ଣ୍ଣ ନୁହେଁ। ପ୍ରାଞ୍ଜଳ ଭାବେ ଅସ୍ମିତା ପ୍ରସଙ୍ଗରେ ବୁଝାଇବା ଦରକାର ହେଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରି ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ବିଜୟ ହାସଲ କରିଥିବା ଦଳର ପକ୍ଷରୁ ଅନେକ ଦାବି କରିଥିଲେ।

# ୧୯ରୁ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍ ବ୍ୟୁରୋ**



ଆଗାମୀ ତିନି ଦିନରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଶୀତ ସରିଗଲାଣି ଖରା ଆସିଗଲାଣି। ରାଜ୍ୟରେ ପାଗ ଏବେ ମୁଖ୍ୟତଃ ଶୁଖିଲା ଥିବା ବେଳେ ଆଗକୁ କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଫେବ୍ରୁଆରୀ ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ୧୯ ତାରିଖ ସକାଳ ସାଢେ ୮ଟାରୁ ୨୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

୧୯ ତାରିଖ ସକାଳ ସାଢେ ୮ଟାରୁ ୨୦ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଧନୀଙ୍କ ପାଖରେ ହାରାହାରି ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ୱ ବସ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ଥ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ବଧୂ ବିଦେଶିନୀ-୧୫



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୮.ଆର୍ଯଦତ୍ତଙ୍କ କୁଳପତିଙ୍କ ସହ ସାକ୍ଷାତ ଓ ଅଧ୍ୟାପକ ପଦବୀ ପ୍ରାପ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ରତ୍ନଗିରି ମହାବିହାରର ଭ୍ରମଣ ଶେଷ କରିବାର ପରଦିନ ସକାଳେ ଆଚାର୍ଯ୍ୟ ଆର୍ଯଦତ୍ତ ଆମ୍ଭ ତିନି ସଖୀ (କଲ୍ଲୋଳିନୀ, ସୁହାସିନୀ ଓ ମଂଜୁଳିକା)ଙ୍କୁ ନେଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟରେ ଯାଇ ପହଞ୍ଚିଲେ। ଅନୁମତି ନେଇ ଆମେ ସମସ୍ତେ ତାଙ୍କ କକ୍ଷରେ ଉପସ୍ଥିତ ହେଲୁ ଓ ଯଥାମାନ୍ୟ ଜଣାଇଲୁ। ଆଚାର୍ଯ୍ୟ ଆମ୍ଭର ପରିଚୟ କରାଇଦେଲେ। ଆମ୍ଭକୁ ଅଭିବାଦନ ଜଣାଇ କୁଳପତି ମହାଶୟ ଆମ୍ଭେ ଦୁଇ ସଖୀଙ୍କ ଉଦ୍ଦେଶ୍ୟରେ ଆଶୀର୍ବାଦ ଦେବା ପୂର୍ବକ କହିଲେ, "ଏ ସ୍ଥାନ ତୁମ୍ଭ ପୂର୍ବଜଙ୍କ ଜନ୍ମସ୍ଥାନ। ତେଣୁ ତୁମ୍ଭେ ନିଜ ଜନ୍ମସ୍ଥାନ ଭାବି ଆନନ୍ଦରେ ବସବାସ କର। ମୁଁ ପ୍ରତିମାସରେ ଥରେ ବା ଅଧିକ ଲଳିତଗିରି ଯାଇଥାଏ। ଯଦି କିଛି ସମସ୍ୟା ରହିଥାଏ ମୋର ଦୃଷ୍ଟିଗୋଚର କରିଲେ ଆବଶ୍ୟକ ପଦକ୍ଷେପ ନେବି। ମୋର ଆଶୀର୍ବାଦ ଯେ ଏଠାରୁ ତୁମ୍ଭେ କୃତିତ୍ୱର ସହ ଅଧ୍ୟୟନ କରି ଯବଦେଶରେ ଓ ବିଶ୍ୱରେ ଆମ ବିଶ୍ୱବିଦ୍ୟାପୀଠର ସୁନାମ ପ୍ରସାରିତ କର।'' ଆମ୍ଭେ ଦୁଇ ସଖୀ ହସ୍ତ ଯୋଡ଼ି ମସ୍ତକ ଅବନତ କରି ସର୍ବନମ୍ର ସ୍ୱୀକାର କଲୁ।

ତା'ପରେ କୁଳପତି ମହୋଦୟ ମଂଜୁଳିକା ପ୍ରତି ଦୃଷ୍ଟି ନିକ୍ଷେପ କରି କହିଲେ, "ପୁତ୍ରୀ, ତୁମ୍ଭେ ତ ଜଣେ ଧନିକ ଶ୍ରେଷ୍ଠୀଙ୍କର କନ୍ୟା, ନିଶ୍ଚୟ ଉତ୍ତମ ଶିକ୍ଷା ଆହରଣ କରିଥିବ। ସେ ବିଷୟରେ କିଛି କହିବ କି ?" ଶୁଣି ମଂଜୁଳିକା ଯୋଡ଼ ହସ୍ତରେ କହିଲା, "ମହାଭାଗ, ମୋର ପିତା ଜଣେ ବିଦ୍ୟାନୁରାଗୀ ସାଧବ ଅଟନ୍ତି। ତେଣୁ ଆମ୍ଭ ସମସ୍ତ ପରିବାର ପାଇଁ ଗୃହ ଶିକ୍ଷକ ନିଯୁକ୍ତ ହୋଇ ସମସ୍ତ ସ୍ତରର ଶିକ୍ଷା ପ୍ରଦାନ କରିଥାନ୍ତି। ଏ ଶିକ୍ଷାରେ ମୁଁ ମଧ୍ୟ କିଛି କିଛି ଆହରଣ କରିଛି। କିନ୍ତୁ ବିଦ୍ୟାଳୟର ଔପଚାରିକ ଶିକ୍ଷା ମୋ ଭାଗ୍ୟରେ ଆସିପାରିନାହିଁ।" କୁଳପତି କହିଲେ, "ଆମ୍ଭ ସମାଜ ନାରୀଶିକ୍ଷା ଦିଗରେ ରୂଢୀବାଦୀ ଅଟେ। ତେଣୁ ଏପରି ହେବା ସ୍ୱାଭାବିକ। ମୋତେ ତୁମ୍ଭେ କେଉଁ କେଉଁ ଶିକ୍ଷାପ୍ରାପ୍ତି ହୋଇଅଛ, ତାହା ସଂକ୍ଷେପରେ କହିଲେ ଆନନ୍ଦିତ ହୁଅନ୍ତି।" ଶୁଣିଲା ମାତ୍ରେ ମଂଜୁଳିକା ସେ ବିଷୟରେ କହିଗଲା ଏବଂ ଶ୍ରବଣ କରି କୁଳପତି କେତେକ ପ୍ରଶ୍ନ ପଚାରିଲେ ଓ ମଂଜୁଳା ସେ ସମସ୍ତ ସଠିକ୍ ଭାବେ ତୁରନ୍ତ ଉତ୍ତର ଦେଇଦେଲା। କୁଳପତି ଆନଂଦିତ ହୋଇ ତା'ର ପ୍ରଶଂସା ପୂର୍ବକ କହିଲେ, " ତୁମ୍ଭେ ଜ୍ଞାନବତୀ ଓ ବୁଦ୍ଧିମତୀ ପରି ଜଣାଯାଉଛ। ତୁମ୍ଭ ପିତା ତ ବହୁଦୂରରେ ରହୁଛନ୍ତି। ଯଦି କେବେ ଆମ୍ଭ ଏ ଅଂଚଳକୁ ଆସନ୍ତି, ଆମ୍ଭ ସହ ସାକ୍ଷାତ କରିବାକୁ କହିବ। ତୁମ୍ଭକୁ ମୋର ଏ ଉପଦେଶ ଯେ ସଦାସର୍ବଦା ଜ୍ଞାନଆହରଣରେ ବ୍ରତୀ ହୁଅ ଓ ତୁମ୍ଭର ଶିକ୍ଷାକୁ ଗୃହିଣୀ ଜୀବନରେ ଭୁଲି ନ ଯାଇ କିପରି ତାହା ସମାଜରେ ବିତରିତ ହେବ ସେ ଦିଗରେ ଉଦ୍ୟମ କର। ଏହା ହିଁ ତୁମ ଜୀବନରେ ସମାଜକୁ ବିଶେଷ ଦାନ ହୋଇ ରହିବ।" ମୁଣ୍ଡପାତି ଓ ହାତଯୋଡ଼ି ମଂଜୁଳା ତାକୁ ସହର୍ଷ ସ୍ୱୀକାର କରିଲା।

ଆଚାର୍ଯ୍ୟ ସଂଗେ ସଂଗେ କହିଲେ ଯେ, "ଏ ଶ୍ରେଷ୍ଠୀ ପୁତ୍ରୀ ସମ୍ୟକ ଜ୍ଞାନର ଅଧିକାରିଣୀ, ତା'ର ପିତା ପୁଣ୍ଡରିକ ମହାଶୟ ଯବଦେଶରୁ ଆମ୍ଭକୁ ଆଣି ଏଠାରେ ଉପନୀତ କରାଇବାର ଭାର ଅତି ଉତ୍ତମ ଭାବରେ ତୁଲାଇଛନ୍ତି। ସମୁଦ୍ର ପଥରେ ଆଗମନ କରିବା ସମୟରେ ବାର୍ତ୍ତାଳାପ ମାଧ୍ୟମରେ ସେ ଯେଉଁ ଜ୍ଞାନ ବିତରଣ କରିଥିଲେ ତାହା ଶୁଣି ଆମ୍ଭେ ଆଚମ୍ଭିତ ହୋଇଗଲୁ। ଯଥା ପିତା, ତଥା କନ୍ୟା"। ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ କଥାରେ ସମ୍ମତି ହୋଇ କୁଳପତି "ସାଧୁ ସାଧୁ" ବୋଲି କହିଲେ।

ତା'ପରେ ଆଚାର୍ଯ୍ୟଙ୍କୁ କୁଳପତି ମହୋଦୟ ପଚାରିଲେ, "ତୁମ୍ଭର ଏତେଦୂର ଆସିବା, ଲଳିତଗିରିରେ ଅବସ୍ଥାନ ଆଦିରେ ସବୁ କୁଶଳ ତ ?" ଆଚାର୍ଯ୍ୟ ଉତ୍ତରରେ କହିଲେ, "ଭଗବାନଙ୍କ କୃପାରେ ଆମ୍ଭେ ଏଠାରେ ସକୁଶଳେ ପହଞ୍ଚିଲୁ ଓ ବିଦ୍ୟାପୀଠର କର୍ମକର୍ତ୍ତା ସମସ୍ତେ ଆମ୍ଭମାନଙ୍କ ସହ ପୂର୍ଣ୍ଣ ସହଯୋଗ କରିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମ୍ଭେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହୁଁ। ସର୍ବ କୁଶଳ। ସେଥିପାଇଁ ଆମ୍ଭେ ତୁମ୍ଭ ସମସ୍ତଙ୍କ ନିକଟରେ ଋଣୀ।" ଶୁଣି କୁଳପତି ହସି ଆନଂଦ ପ୍ରକଟ କଲେ ଓ ପଚାରିଲେ, " ଆଚାର୍ଯ୍ୟବର, ତୁମେ ଯବଦେଶ ଓ ତୁମ୍ଭ ବିଷୟରେ କିଛି କହିଲେ ଆମ୍ଭେ ପ୍ରୀତ ହେବୁ।"

ଆଚାର୍ଯ୍ୟ ଏହା ଶୁଣିବା ପରେ ଯବଦେଶରୁ ଆଣିଥିବା ସ୍ୱର୍ଣ୍ଣମୁଦ୍ରା ଥଳି ଧରି କୁଳପତିଙ୍କ ପାଖକୁ ଯାଇ ତାହା ଅର୍ପଣ କରିବା ପୂର୍ବକ କହିଲେ, " ହେ ମହାଭାଗ, ଏହି କିଛି ସ୍ୱର୍ଣ୍ଣମୁଦ୍ରା ଆମ୍ଭର ମହାରାଜ ଅନୁଦାନ ଭାବରେ ତୁମ୍ଭ ବିଶ୍ୱବିଦ୍ୟାପୀଠପାଇଁ ମୋ ହସ୍ତରେ ପ୍ରେରଣ କରିଛନ୍ତି। ଏହାକୁ ଗ୍ରହଣ କରି ଆମ୍ଭ ରାଜ୍ୟକୁ ଅନୁଗୃହୀତ କରିବା ହେବେ।" କୁଳପତି ମହୋଦୟ ସହର୍ଷରେ ଗ୍ରହଣ କରି କହିଲେ, " ହେ ଆଚାର୍ଯ୍ୟବର, ଆମ୍ଭର ଏ ଅନୁଷ୍ଠାନ ରାଜାମହାରାଜା ଓ ଧନୀକବର୍ଗଙ୍କ ଦାନରେ ତିଷ୍ଠି ରହି ସମାଜରେ ଶିକ୍ଷା ପ୍ରସାର କରୁଅଛି। ତେଣୁ ଏହାକୁ ବିନମ୍ରତାର ସହ ଆମ୍ଭେ ଗ୍ରହଣ କରୁଛୁ। ମହାରାଜାଙ୍କୁ ଆମ୍ଭର ଆଭାର ଓ ଆଶୀର୍ବାଦ ପ୍ରଦାନ କରୁଛୁ। ତାଙ୍କୁ ଜଣାଇଦେବେ।" ଆଚାର୍ଯ୍ୟ ହାତ ଯୋଡି ସମ୍ମତି ଜଣାଇଲେ।

ତା'ପରେ ଆଚାର୍ଯ୍ୟ ପ୍ରଶ୍ନର ଉତ୍ତର ଦେଇ କହିଲେ, " ମହାଭାଗ, ଆମ୍ଭ ରାଜ୍ୟ ବିଷୟରେ ଯାହା ପଚାରିଲେ, ସେ ବିଷୟରେ କହୁଛି ଯେ ଆମ୍ଭ ରାଜ୍ୟ ଯବଦ୍ୱୀପର ମଧ୍ୟଭାଗରେ ଅବସ୍ଥିତ ଓ ତାହା କଳିଂଗ ବଂଶଜ ଶୈଳେନ୍ଦ୍ର ରାଜବଂଶଦ୍ୱାରା ଶାସିତ। ବର୍ତ୍ତମାନର ମହାରାଜା ବାଳପୁତ୍ର ଦେବ ଏକ ଭିନ୍ନ ପରିସ୍ଥିତିରେ ନିଜ ଭଗିନୀ ପ୍ରମୋଦବର୍ଦ୍ଧିନୀଙ୍କ ସହ ମିଶି ଯୌଥ ଭାବେ ଶାସନ କରୁଛନ୍ତି। ମହାରାଣୀ ହେଉଛନ୍ତି ଆମ୍ଭ ପଡୋଶୀ ରାଜ୍ୟ ସନାତନୀ ଶୈବ ଧର୍ମୀୟ ସଂଜୟ ରାଜବଂଶଦ୍ୱାରା ଶାସିତ। ମୁଁ ଆମ୍ଭର ଆଉ ଏକ ପଡୋଶୀ ରାଜ୍ୟରେ ଅବସ୍ଥିତ କଳିଂଗା ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଗ୍ରହଣ କରି ଆମ୍ଭ ରାଜ୍ୟରେ ଅଧ୍ୟାପନ କରୁଛି। ରାଜ୍ୟର ସର୍ବବରିଷ୍ଠ ଅଧ୍ୟାପକ ହେତୁ ସମସ୍ତ ଶିକ୍ଷାବିଷୟକ କାର୍ଯ୍ୟରେ ମହାରାଜ ଓ ମହାରାଣୀ ମୋର ପରାମର୍ଶ ନେଇଥାନ୍ତି।"

କୁଳପତି ପ୍ରସନ୍ନ ହୋଇ ପ୍ରଶ୍ନ କଲେ, " ଆମ୍ଭକୁ କହ କେଉଁ ପରିସ୍ଥିତିରେ ମହାରାଜ ଏ କନ୍ୟାଦ୍ୱୟଙ୍କୁ ଆମ୍ଭ ବିଦ୍ୟାପୀଠରେ ଅଧ୍ୟୟନ କରିବାକୁ ନିଷ୍ପତ୍ତି ଦେଲେ ?" ଗୁରୁଦେବ କହିଲେ, " ଏକ କଥା ମୁଁ କାହାକୁ କହିନାହିଁ। ତାହା ହେଲା ଏକଦିନ ମହାରାଣୀ ପ୍ରମୋଦବର୍ଦ୍ଧିନୀ ମୋତେ ଦେଖା ସମୟରେ କଲ୍ଲୋଳିନୀର ଉଚ୍ଚଶିକ୍ଷା ବିଷୟରେ ମୋର ପରାମର୍ଶ ଲୋଡିଲେ। ମୁଁ ତାଙ୍କୁ ଭାରତରେ ଅଧ୍ୟୟନ କରାଇବାପାଇଁ ସୂଚନା ଦେଲି। କନ୍ୟା ଅତି ବୁଦ୍ଧିମତୀ ଓ ବିଦେଶ ଶିକ୍ଷାଦ୍ୱାରା ଆମ୍ଭ ରାଜ୍ୟ ଶିକ୍ଷାକ୍ଷେତ୍ର ଉପକୃତ ହେବ ଆଦି କାରଣ କହିଲାରୁ ସେ ସେଥିରେ ସମ୍ମତ ହୋଇ ସ୍ୱତନ୍ତ୍ର ପଦକ୍ଷେପ ନେଲେ ଓ ଶେଷରେ ମୋର ମତାମତ ଅନୁସାରେ ତୁମ୍ଭ ପାଶରେ ଶିକ୍ଷାଗ୍ରହଣ ନିଷ୍ପତ୍ତି ହେଲା। ଚେଳିତାଲୋ ପୋତାଶ୍ରୟ ବର୍ତ୍ତମାନ ପୁନରୋଦ୍ଧାର ହେଉଥିବା ଯୋଗୁଁ ଏ ମଂଜୁଳିକାର ପିତା ଆମ୍ଭର ଦାୟିତ୍ୱ ନେଇ ଏଠାରେ ପହଞ୍ଚାଇଦେଲେ। ମୁଁ ପୁଷ୍ପଗିରି ପ୍ରାଧାନ୍ୟ ବିଷୟରେ ଜାଣିଥିଲି ଓ ଆମ୍ଭମାନଙ୍କ ପୂର୍ବଜଙ୍କ ଦେଶ ହେତୁ ସମସ୍ତେ ଏଠାରେ କନ୍ୟାଦ୍ୱୟଙ୍କୁ ପଢାଇବାପାଇଁ ନିଷ୍ପତ୍ତି ନେଲେ।" କୁଳପତି ସ୍ମିତ ହାସ୍ୟରେ ଆନଂଦ ପ୍ରକାଶ କଲେ।

ଏହାପରେ କୁଳପତି କ୍ଷଣକେ ନିରବ ରହି କହିଲେ, "ଗୁରୁବର, ତୁମ୍ଭ ସହ ବାର୍ତ୍ତାଳାପ କରି ଆନଂଦ ଅନୁଭବ କଲି। ତୁମ୍ଭେ ବିଦେଶରୁ ଆସିଛ ଓ ତେଣୁ ବିଭିନ୍ନ ବିପୁଳ ଜ୍ଞାନର ଅଧିକାରୀ ହୋଇଥିବ। ତେଣୁ ତୁମ୍ଭ ସହିତ କିଛି ସମୟ ବିଦ୍ୟାଚର୍ଚ୍ଚା କଲେ ଅନେକ ନୂତନ ଜ୍ଞାନ ବିଭବ ଆମ୍ଭେ ପ୍ରାପ୍ତ ହୋଇପାରିବୁ ବୋଲି ଆଶା। ତେଣୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ଆମ୍ଭେ ସେପରି କିଛି ଶାସ୍ତ୍ରାର୍ଥ ଆମ୍ଭ ମଧ୍ୟରେ କରିବା ବିଷୟରେ ତୁମ୍ଭର ମତାମତ କ'ଣ ?" ଏହା ଶୁଣି ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ତୁରନ୍ତ ସମ୍ମତି ହୋଇ କହିଲେ, " ଆମ୍ଭେ ଶାସ୍ତ୍ର ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ତୁମ୍ଭେ ଏଥିରେ ଅଧିକ ଯୋଗଦାନ କଲେ, ତୁମ୍ଭ ପରି ଜ୍ଞାନୀ ମହା ପଣ୍ଡିତଙ୍କଠାରୁ ଅଧୀନ କିଛି ଶିକ୍ଷାଲାଭ କରି ଆଭାରୀ ରହିବ।" କୁଳପତି 'ନିଶ୍ଚୟ, ନିଶ୍ଚୟ' କହି ପ୍ରଥମେ ବେଦ ଓ ଉପନିଷଦ ବିଷୟରେ ଆଲୋଚନା କରିବାପାଇଁ ଆଚାର୍ଯ୍ୟଙ୍କୁ ଅନୁରୋଧ କଲେ।

ଶାସ୍ତ୍ରାର୍ଥ ଆରମ୍ଭ ହେଲା। କେତେବେଳେ ଆଚାର୍ଯ୍ୟ ତ କେତେବେଳେ କୁଳପତି କୌଣସି ବିଷୟରେ ନିଜ ନିଜର ପରିପୁଷ୍ଟ ଜ୍ଞାନ ଭଣ୍ଡାରରୁ ଜ୍ଞାନ ଉଦ୍‌ଗିରଣ କରୁଥାନ୍ତି। କେବେ କେବେ ଆଚାର୍ଯ୍ୟଙ୍କ ଅଭିବ୍ୟକ୍ତିକୁ ବିସ୍ତାରିତ କରିବାପାଇଁ କୁଳପତି କହନ୍ତି ତ କେତେବେଳେ ଆଚାର୍ଯ୍ୟ ବିନମ୍ରତାପୂର୍ବକ କୌଣସି ତଥ୍ୟ ବୁଝି ନ ପାରିଲେ କୁଳପତିଙ୍କୁ ପଚାରୁଥାନ୍ତି। ସମସ୍ତ ପରିବେଶ ବନ୍ଧୁତାପୂର୍ଣ୍ଣ ଥିଲା। ଆମ୍ଭେମାନେ ଶୁଣି ନିର୍ବାକ୍ ହୋଇ ଯାଉଥିଲୁ। ଏପରି ବାର୍ତ୍ତାଳାପ ପ୍ରାୟ ଅର୍ଦ୍ଧ ପ୍ରହର (ଏକ ପ୍ରହର ପ୍ରାୟ ୩ ଘଣ୍ଟା) ଚାଲିଲା। ହଠାତ୍ କୁଳପତି ସ୍ଥଗିତ କରି କହିଲେ, 'ଆଚାର୍ଯ୍ୟ ବର, ବହୁ ସମୟ ତୁମ୍ଭ ସହ ଶାସ୍ତ୍ରାର୍ଥ କରି ପ୍ରୀତ ହେଲି। ଏପରି କରି ଚାଲିଲେ ଅନେକ ଦିନ ଲାଗିଯିବ। ବର୍ତ୍ତମାନ ତୁମ୍ଭର ଲଳିତଗିରି ଯିବା ସମୟ ଶୀଘ୍ର ଉପନୀତ ହେଉଛି। ତେଣୁ ଏଠାରେ ଏ ଆଳାପର ଅନ୍ତ କରାଯାଉ।" ଆଚାର୍ଯ୍ୟ ଦୁଇକର ଯୋଡି ଆଭାର ଜଣାଇ ସମ୍ମତି ହେଲେ।

ତା'ପରେ କିଛି ବିରତି ନେଇ କୁଳପତି ମହୋଦୟ ଆମକୁ ଦେଖି କହିଲେ, "ପୁତ୍ରୀଗଣ ଆମ୍ଭଦ୍ୱୟଙ୍କ କଥୋପକଥନ ବୁଝିପାରିଲ ?" ମୁଁ କରଯୋଡି କହିଲି, "ମହାଭାଗ, ତୁମ୍ଭପରି ମହାଜ୍ଞାନୀ ବ୍ୟକ୍ତିଙ୍କ ମୁଖନିସୃତ ଜ୍ଞାନ ଆମ୍ଭ ପରି କ୍ଷୁଦ୍ର ବାଳିକା କ'ଣ ସଂପୂର୍ଣ୍ଣ ବୁଝିପାରିବା ସମ୍ଭବ ? କିନ୍ତୁ ଆମ୍ଭେ ଅଧିକାଂଶ ବୁଝିଗଲୁ। ଏହା ଆମ ପାଇଁ ଅତୀବ ଜ୍ଞାନବର୍ଦ୍ଧକ ଥିଲା। ଏପରି ଶାସ୍ତ୍ରାର୍ଥ ଶୁଣିବା ଆମ୍ଭମାନଙ୍କପାଇଁ ପ୍ରଥମ ଥିଲା।" କୁଳପତି ସ୍ୱଚ୍ଛ ହସି କହିଲେ, 'ତୁମ୍ଭେ ବଡ ହୋଇ ଏପରି ସକରାତ୍ମକ ତର୍କ ଆଲୋଚନା କରିବ। ପରସ୍ପରର ବଡିମା ଦର୍ଶାଇବାପାଇଁ ନକରାତ୍ମକ ଯୁକ୍ତିତର୍କ କରି ନିଜର ଆତ୍ମଗର୍ବ ପ୍ରଦର୍ଶନ କରିବା ଅନୁଚିତ। କାରଣ କେହି ଯେତେ ବଡ ହେଲେ ମଧ୍ୟ ସମସ୍ତ ଜ୍ଞାନକୁ ଆହରିତ କରିଥିବା ଅସମ୍ଭବ। ଅନ୍ୟ ଠାରୁ ଶୁଣି ଯେ ସର୍ବଦା ଶିକ୍ଷାଲାଭ କରେ ସେ ହିଁ ଉଚିତ୍‌ରେ ପଣ୍ଡିତବାଚ୍ୟ ଅଟେ।" ଆମ୍ଭେ ତିନିସଖୀ ହାତଯୋଡି ଉପଦେଶ ଗ୍ରହଣ କଲୁ।

ଏ ସବୁ ଅନ୍ତେ, କୁଳପତି ଆଚାର୍ଯ୍ୟଙ୍କୁ କହିଲେ, "ଆଚାର୍ଯ୍ୟବର, ତୁମ୍ଭ ଇଚ୍ଛା ଯେ ଏଠାକାର ଶିକ୍ଷାଦାନ ଓ ପ୍ରଶାସନିକ ପଦ୍ଧତି ଓ ପ୍ରକ୍ରିୟା ବିଷୟରେ ଅବଗତ ହେବାପାଇଁ ତୁମ୍ଭେ ଏଠାରେ କିଛିଦିନ ରହି ଚେଳିତାଲୋ ପୋତାଶ୍ରୟ ଦେଇ ଯବଦେଶ ପ୍ରତ୍ୟାବର୍ତ୍ତନ କରିବ। ବର୍ତ୍ତମାନଠାରୁ ୪-୫ମାସ ପରେ କାର୍ତ୍ତିକ ପୂର୍ଣ୍ଣମୀ ଆସିବ ଓ ସାଧବମାନେ ବାଣିଜ୍ୟପାଇଁ ସେ ସମୟରେ ଗଲାବେଳେ ତୁମ୍ଭେ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନକରିବ। ତେଣୁ ତୁମ୍ଭେ ଏ ସବୁର ଅଧ୍ୟୟନ ପାଇଁ ମୁଁ ସମସ୍ତ ବ୍ୟବସ୍ଥା କରିଦେଇଛି। ତା'ସହ ମୋର ଅନୁରୋଧ ଯେ ତୁମ୍ଭେ ଲଳିତଗିରିରେ ରହି ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ କର।" ଆଚାର୍ଯ୍ୟ ସମ୍ମତି ଜଣାଇ ଆଭାର ବ୍ୟକ୍ତ କଲେ।

ଏହାପରେ କୁଳପତି ପୁନଃ କହିଲେ, "ଆଉ ଏକ ମୋର ଅନୁରୋଧ, "ତୁମର ଜ୍ଞାନ ଆକଳନ କରି ମୁଁ ପ୍ରୀତ। ତେଣୁ ଯଦି କିଛି ଅସୁବିଧା ନାହିଁ ତୁମ୍ଭକୁ ମୁଁ ଆମ ବିଦ୍ୟାପୀଠର ଅଧ୍ୟାପକ ପଦବୀରେ ନିଯୁକ୍ତ କରିବାକୁ ପ୍ରସ୍ତାବ ଦେଉଛି। ମତାମତ ଶୁଣିଲେ ଆନଂଦିତ ହେବି।" ଆଚାର୍ଯ୍ୟ ଶୁଣି କହିଲେ, " ହେ ମହାଭାଗ, ତୁମ୍ଭର ଏ ପ୍ରସ୍ତାବ ମୋ ପାଇଁ ଶିରୋଧାର୍ଯ୍ୟ । ଏ ପ୍ରଖ୍ୟାତ ବିଦ୍ୟାପୀଠରେ ଅଧ୍ୟାପନା କରିବା ମୋର ପରମ ସୌଭାଗ୍ୟ ହେବ। କିନ୍ତୁ ମୁଁ ମହାରାଜାଙ୍କଦ୍ୱାରା ଏଠାକୁ ପ୍ରେରିତ ହୋଇଛି। ତାଙ୍କ ବିନା ଅନୁମତିରେ ଏଠାରେ ରହିଯିବା ସଠିକ୍ ହେବ ନାହିଁ। ପୁନଃ ମୋର ପରିବାର ମଧ୍ୟ ଯବଦେଶରେ ଅଛନ୍ତି।" ହସିକରି କୁଳପତି କହିଲେ, " ସେ ସବୁ ଚିନ୍ତା କର ନାହିଁ । ମୁଁ ପତ୍ରପ୍ରେରଣ କରିବି। ମହାରାଜ ନିଶ୍ଚୟ ଅନୁମତି ଦେବା ସଂଗେ ସଂଗେ ତୁମ୍ଭ ପରିବାରକୁ ଏଠାକୁ ଅବିଳମ୍ବେ ପ୍ରେରଣ କରିଦେବେ।" ଗୁରୁଦେବ ଆନଂଦ ପ୍ରକଟ କଲେ। ଆମ୍ଭେ ବି ତାଙ୍କଠାରୁ ଅଧିକ ଆନଂଦିତ ହେଲୁ।

ଶେଷରେ କୁଳପତି ଆମ୍ଭକୁ ବିଦାୟ ଦେଲେ। ମଧାହ୍ନ ଭୋଜନ ଆଶୁ ଶେଷ କରି ଆମ୍ଭେ ଲଳିତଗିରି ଅଭିମୁଖେ ଯାତ୍ରାକରି ରାତ୍ରଯାପନ କଲୁ। ମଂଜୁଳାର ଆନନ୍ଦ କହିଲେ ନ ସରେ। କହିଲା, "ଏତେ ବଡ ବ୍ୟକ୍ତି କେତେ ବିଦ୍ୱାନ ହେଲେ ମଧ୍ୟ ଏତେ ନମ୍ର। ଏ ପରିବେଶ ମୋର ଭାଗ୍ୟରେ ନାହିଁ।" ସୁହାସିନୀ ଏଥର ଥଟ୍ଟା ନ କରି କହିଲା, "ତୋ ଭାଗ୍ୟରେ ଅଛି। ରହ, ଦେଖିବୁ।"

( ଯେପରି ରତ୍ନଗିରି ଆଦି ୪ଟି ପରିସର, ପୁଷ୍ପଗିରି ବିଶ୍ୱବିଦ୍ୟାପୀଠର ଶାଖା ବୋଲି କିଛି ଐତିହାସିକ ତଥ୍ୟ ନାହିଁ ଓ ତାହା କେବଳ ଏକ ଅନୁମାନ ଅଟେ, ସେହିପରି ରତ୍ନଗିରିରେ ଯେ ବିଦ୍ୟାପୀଠର ପ୍ରଶାସନିକ କାର୍ଯ୍ୟାଳୟ ଥିଲା, ତାହା ମଧ୍ୟ ଏହି ଲେଖକର କଳ୍ପନାପ୍ରସୂତ)। (କ୍ରମଶଃ )

# ବାଣୀ ପୀଠ ବାଣପୁର



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

ଖୋର୍ଦ୍ଧା ସଦର ମହକୁମାଠାରୁ ଦକ୍ଷିଣ ଦିଗକୁ ପ୍ରାୟ ୭୧ କିଲୋମିଟର ଦୂରତାରେ ମା' ଭାଗବତୀଙ୍କ ବିଜେସ୍ଥଳୀ ବାଣପୁର ଅବସ୍ଥିତ । ଓଡ଼ିଶାରେ ୧୨ ଗୋଟି ମୁଖ୍ୟ ଶକ୍ତିପୀଠ ମଧ୍ୟରେ ମା ଭାଗବତୀ ପୀଠ ବାଣପୁର ଅନ୍ୟତମ । ବାଣପୁର କହିଲେ ବାଣପୁର ବ୍ଲକ, ଚିଲିକା ବ୍ଲକ, ବାଣପୁର ବିଜ୍ଞାପିତ ପରିଷଦ ଓ ଚିଲିକା ବିଜ୍ଞାପିତ ପରିଷଦର ସୀମା ସରହଦକୁ ବୁଝାଇଥାଏ। ପୂର୍ବରୁ ଏ ସମସ୍ତ ଅଞ୍ଚଳ ବାଣପୁର ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଥିଲା । ବର୍ତ୍ତମାନ ଏହି ନିର୍ବାଚନ ମଣ୍ଡଳୀର ନାମ ପରିବର୍ତ୍ତନ ହୋଇ ଚିଲିକା ନିର୍ବାଚନ ମଣ୍ଡଳୀ ବୋଲି କୁହାଯାଉଛି । ପୂର୍ବରୁ ଏହି ଅଞ୍ଚଳଗୁଡିକ ପୁରୀ ଜିଲ୍ଲା ଅନ୍ତର୍ଭୁକ୍ତ ଥିଲା ବେଳେ ୧୯୯୨ମସିହାରେ ଜିଲ୍ଲା ପୁନର୍ଗଠନରେ ଖୋର୍ଦ୍ଧା ଜିଲ୍ଲାକୁ ଚାଲି ଯାଇଥିଲା । ବାଣପୁର ମା' ଭଗବତୀଙ୍କ ପୀଠଠାରୁ ପୂର୍ବକୁ ମାତ୍ର ଛଅ କିଲୋମିଟର ଦୂରରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଅବସ୍ଥିତ, ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ, ଚିଲିକାରେ ନୌକା ବିହାର, ବିଭିନ୍ନ ରଙ୍ଗ ବେରଙ୍ଗର ବିଦେଶାଗତ ପକ୍ଷୀଙ୍କୁ ଦେଖିବା ସହିତ ଡଲଫିନର ମଜା ନେବାକୁ ହଜାର ହଜାର ପର୍ଯ୍ୟଟକ ପ୍ରତି ଦିନ ଆସିଥାନ୍ତି । କବିବର ରାଧାନାଥ ରାୟଙ୍କ ଭାଷାରେ ଚିଲିକା 'ଉତ୍କଳ ଭୂବନେ ଶୋଭାର ଭଣ୍ଡାର'। ଏପରିକି ଚିଲିକା ଲକ୍ଷ୍ମୀଙ୍କ ବାସସ୍ଥଳୀ । ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ବାଣପୁର ବିଜ୍ଞାପିତ ଅଞ୍ଚଳରେ ଭିଡ଼ ଜମାଇଥାନ୍ତି । ମା'ଙ୍କ ମନ୍ଦିର ଓ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ହିଁ ବାଣପୁରର ବିଶେଷତ୍ୱ। ବାଣପୁରକୁ ଘେରି ରହିଥିବା ଘଣ୍ଟଶିଳା, ଭାଲେରି ଓ ସୋଲେରୀ ପାହାଡ଼ଗୁଡିକ ଅତ୍ୟନ୍ତ ରମଣୀୟ ଓ ମନମୁଗ୍ଧକର। ଚିଲିକାର ନୌବାଣିଜ୍ୟ, ଉତ୍ପାଦିତ ସୁଆଦିଆ କଙ୍କଡା, ଚିଙ୍ଗୁଡ଼ି ଓ ମାଛ ବିଦେଶକୁ ରପ୍ତାନୀ, ଏହି ଅଞ୍ଚଳର ଆର୍ଥିକ ବିକାଶକୁ ଦର୍ଶାଇଥାଏ । ଚିଲିକା ତିନିଗୋଟି ଜିଲ୍ଲା ଯଥା-ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ସୀମା ସରହଦ ଭିତରେ ପ୍ରବାହିତ ହୋଇଛି। ପୌରାଣିକ ମତ ଅନୁଯାୟୀ ଏହି ଅଞ୍ଚଳ ମହାପ୍ରତାପୀ ଅସୁର ବାଣାସୁରର ଶାସନାଧୀନ ଥିଲା ଓ ତା'ର ମୃତ୍ୟୁ ପରେ ତା'ର ନାମାନୁଯାୟୀ ବାଣପୁର ରଖାଯାଇଛି। ବାଣପୁରର ଅନ୍ୟ ଏକ ବିଶେଷତ୍ୱ ହେଉଛିଯେ ଏ ଅଞ୍ଚଳ ଏକ ସଂସ୍କୃତିସମ୍ପୂର୍ଣ୍ଣା ଓ ବୀରତ୍ୱର ମାଟି । ମା' ସରସ୍ୱତୀଙ୍କ ଅପାର କୃପା ଏହି ଅଞ୍ଚଳରେ ରହିଥିବାର ଜଣାଯାଏ । ଏ ଅଞ୍ଚଳର ସାକ୍ଷରତା ହାର ଜିଲ୍ଲା ହାରଠାରୁ ଅଧିକ ଥିବାର କୁହାଯାଏ । ଏ ବୀରଭୂମି ବହୁ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଦାର୍ଶନିକ, ବୁଦ୍ଧିଜୀବୀଙ୍କୁ ସୃଷ୍ଟି କରି ଏକ ଉଦାହରଣ ସୃଷ୍ଟି କରିପାରିଛି । ବାଣପୁର ଓ ଖୋର୍ଦ୍ଧା ମାଟି ବୀର ଓ ପାଇକର ମାଟି ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ସରକାର ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଥିଲା, ଯାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରାଯାଏ । ବାଣପୁର ଅଞ୍ଚଳରେ ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ ଏହି ଅଞ୍ଚଳର ବୀର ପାଇକ ପୁଅ କୃତ୍ତିବାସ ପାଟଶାଣୀ, ଯାହାଙ୍କ ଘର ବାଣପୁର ନିକଟସ୍ଥ ବିଷ୍ଣୁଡିହ। ଆଜି ସେହି ନାଁଟି ଲୋକମୁଖରେ ବଞ୍ଚିରହିଛି । ଯଦିଓ ବ୍ରିଟିଶ ଫୌଜ ଏହି ଆନ୍ଦୋଳନକୁ ଦମନ କରିଥିଲେ ଓ କୃତ୍ତିବାସ ପାଟଶାଣୀଙ୍କୁ ଗିରଫ କରିବା ପାଇଁ ସକ୍ଷମ ହୋଇଥିଲେ, ହେଲେ କୃତ୍ତିବାସଙ୍କର ବୀରତ୍ୱ ଏ ଅଞ୍ଚଳବାସୀଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲା । ସ୍ୱାଧୀନତା ଆନ୍ଦୋଳନ ଇତିହାସ ରେ କୃତ୍ତିବାସଙ୍କ ନାଁ ସବୁଦିନ ପାଇଁ ରହିଯାଇଛି । ବାଣପୁର ମାଟିରେ ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ, ରାଜନେତା ଆଦି ଜନ୍ମ ନେଇ ବାଣପୁର ମାଟିକୁ ଧନ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ସେ ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସାହିତ୍ୟିକ, ସମାଜ ସଂସ୍କାରକ, ଦେଶଭକ୍ତ ଓ ଜଣେ ଦକ୍ଷ ରାଜନେତା । ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଥାଇ ବ୍ରିଟିଶ ସରକାର ଅଧୀନରେ ଗୋଲାମୀ କରିବାକୁ ପସନ୍ଦ ନକରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୋପବନ୍ଧୁଙ୍କ ହାତ ତିଆରି ବନ ବିଦ୍ୟାଳୟରେ ଶିକ୍ଷକତା କରିବାକୁ ପସନ୍ଦ କରିଥିଲେ । ତତ୍କାଳୀନ ସମୟରେ ଯେଉଁ ସାରସ୍ୱତ ସାଧକ ସାହିତ୍ୟ ରଚନାରେ ବ୍ରତୀ ଥିଲେ ସେମାନଙ୍କୁ ସତ୍ୟବାଦୀ ଯୁଗୀୟ ପଞ୍ଚ□ସଖା ବୋଲି ନାମିତ କରାଯାଇଥିଲା । ସେମାନେ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଏବଂ ଆଚାର୍ଯ୍ୟ ହରିହର ଦାସ । ଲୋକଙ୍କ ଭିତରେ ଜାତୀୟତା ଭାବ ସୃଷ୍ଟି କରିବା ସହିତ ସାମାଜିକ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ନିଜର ସ୍ୱକୀୟ ଲେଖାରେ ଜନଜାଗରଣ ସୃଷ୍ଟି କରୁଥିଲେ, ଏପରିକି ନିଜ ଲେଖା ମାଧ୍ୟମରେ ସୁପ୍ତ ଓଡ଼ିଆମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ପରାଧୀନତାର ନାଗଫାସରୁ ମୁକ୍ତ କରିବା ଥିଲା ପଞ୍ଚସଖା ସାହିତ୍ୟର ଲକ୍ଷ୍ୟ ଓ ଆଭିମୁଖ୍ୟ । ସତ୍ୟବାଦୀ ଯୁଗର ଅନ୍ୟତମ ସାରସ୍ୱତ ସାଧକ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ତାଙ୍କର ଜନ୍ମ ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ହୋଇଥିଲା । ପଣ୍ଡିତ ମିଶ୍ର ଅର୍ଥ ଶାସ୍ତ୍ରରେ ରେଭେନ୍‌ସା ମହାବିଦ୍ୟାଳୟରୁ ଏମ.ଏ. ପାସ କରି ଶିକ୍ଷକତାକୁ ନିଜର ବୃତ୍ତି ଭାବେ ବାଛି ନେଇଥିଲେ ।

ଭଲ ମଣିଷଟିଏ ସୃଷ୍ଟି ପାଇଁ ଜଣେ ଭଲ ଶିକ୍ଷକର ଆବଶ୍ୟକତା ଥାଏ । ଠିକ ସେଇଥିପାଇଁ ଗୋଦାବରୀଶ ମିଶ୍ର ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କଲେ ଓ କିଛି ବର୍ଷ କାର୍ଯ୍ୟ କରିବା ପରେ ଚକ୍ରଧରପୁର, ବର୍ତ୍ତମାନର ଝାରଖଣ୍ଡକୁ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇ ଯାଇଥିଲେ । ସେଠାରେ କିଛି ବର୍ଷ କାମ କରି ନିଜ ଗାଁକୁ ଆସି ବିଦ୍ୟାଳୟ ଓ ଶିଳ୍ପ ପ୍ରତିଷ୍ଠା ସହିତ ସାମାଜିକ ସେବାରେ ମନୋନିବେଶ କଲେ । ସେ ୨୦୨୧ ମସିହାରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଲେ ଓ ଆସ୍ତେ ଆସ୍ତେ ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କଲେ । ଭିଭିନ୍ନ ସମୟରେ ଭିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇ ଦେଶର ସେବା କଲେ, ଏପରିକି ସେ ଓଡିଶା ମନ୍ତ୍ରୀ ମଣ୍ଡଳରେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରିଥିଲେ । ଏକାଧାରରେ ସେ ଥିଲେ ଜଣେ ଶିକ୍ଷକ, ରାଜନେତା, ସମାଜ ସଂସ୍କାରକ ସାମ୍ବାଦିକ ଓ ସାହିତ୍ୟିକ । ତାଙ୍କର ବଳିଷ୍ଠ କଲମରୁ ସୃଷ୍ଟି ହୋଇଥିଲା ଅନେକ ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ ଆଦି । ସେ ୧୯୨୮ ମସିହାରେ ଦୈନିକ ଖବର କାଗଜ 'ସମାଜ'ର ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ ଓ ତାଙ୍କ ପ୍ରଚେଷ୍ଟାରେ ବାଣପୁରରୁ 'ଲୋକମୁଖ' ନାମକ ଏକ ପତ୍ରିକା ଆତ୍ମପ୍ରକାଶ କରୁଥିଲା । ଗୋଦାବରୀଶ ମଧୁବାବୁଙ୍କ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ଓ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ସାହିତ୍ୟରେ ଉଲ୍ଲେଖନୀୟ କୃତି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଥିଲେ । ବାସ୍ତବରେ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଓ ବାଣପୁର ମାଟିର ଟେକ ରଖିଥିଲେ । ବାଣପୁର ବିଜ୍ଞାପିତ ପରିଷଦ ଅଞ୍ଚଳରେ ଗଢି ଉଠିଥିବା ଗୋଦାବରୀଶ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତାହାର ମୁକସାକ୍ଷୀ । ଗୋଦାବରୀଶ ମିଶ୍ରଙ୍କ ଛାତ୍ର ଗୋଦାବରୀଶ ମହାପାତ୍ର କୁମାରଙ୍ଗ ଶାସନ, ବାଣପୁର ମାଟିରେ ଜନ୍ମ ନେଇ ଓଡ଼ିଆ ସାହିତ୍ୟ ଜଗତକୁ ଯେଉଁ ଅମୂଲ୍ୟ ରତ୍ନ ଦେଇଯାଇଛନ୍ତି, ସେଥିପାଇଁ କେବଳ ବାଣପୁର ମାଟି ଗର୍ବିତ ନୁହେଁ, ସେ ନିଜ ପାଇଁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଛାଡି ଯାଇଛନ୍ତି । ଓଡ଼ିଆ ସାହିତ୍ୟ ଆକାଶରେ ସେ ଥିଲେ ଏକ ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ ଓ ଜଣେ ସାରସ୍ୱତ ସାଧକ । ତାଙ୍କର ସୃଷ୍ଟି ବିଶେଷ କରି ଗଳ୍ପ 'ମାଗୁଣିର ଶଗଡ଼', 'ନୀଳ ମାଷ୍ଟରାଣୀ' ଓ କବିତା 'ଉଠ କଙ୍କାଳ' ଓଡ଼ିଆ ଗଳ୍ପ ଓ କବିତା ଜଗତକୁ ସର୍ବ ଶ୍ରେଷ୍ଠ ଅର୍ଘ୍ୟ । ତାଙ୍କର କାଳଜୟୀ ସୃଷ୍ଟି କେବଳ ତାଙ୍କର ଗୌରବ ବଢ଼ାଇ ନାହିଁ, ତାହା ବାଣପୁର ମାଟିର ଗୌରବକୁ ବଢ଼ାଇବାରେ ସହାୟକ ହୋଇଛି। ପଣ୍ଡିତ ଗୋଦାବରୀଶ ମହାପାତ୍ର ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ବ୍ୟଙ୍ଗକାର, ସାମ୍ବାଦିକ, ସମାଜ ସଂସ୍କାରକ ଓ ସତ୍ୟବାଦୀ ଯୁଗର ମୁଖ୍ୟ ପୃଷ୍ଠପୋଷକ । ସେ ଥିଲେ ଜଣେ ବ୍ୟଙ୍ଗ ଲେଖକ ଓ 'ନିଆଁଖୁଣ୍ଟା' ପତ୍ରିକାର ସମ୍ପାଦକ। ତାଙ୍କର କବିତା 'କଣ୍ଟାଫୁଲ' ଓ 'ଉଠ କଙ୍କାଳ' ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଦୁଇଥର ୧୯୫୯ ଓ ୧୯୬୨ ରେ ଲାଭ କରିଥିଲେ । ଠିକ ସେଇଭଳି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୧୯୬୬ରେ ପାଇଥିବା ବେଳେ ୧୯୯୦ରେ ପଦ୍ମଶ୍ରୀ ଓ ୨୦୦୪ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ଓଡ଼ିଆ ସାରସ୍ୱତ ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ । ଗୋଦାବରୀଶ ମହାପାତ୍ରଙ୍କ ଜ୍ୱାଇଁ ପ୍ରଫେସର ଗୌରୀକୁମାର ବ୍ରହ୍ମା ଥିଲେ ଜଣେ ବାଗ୍ମୀ, ସମୀକ୍ଷକ ଓ ସମାଲୋଚକ । ଓଡ଼ିଶାର ଜଣେ ଜଣାଶୁଣା ଚେହେରା ଏପରିକି, ଭଞ୍ଜ ସାହିତ୍ୟର ବିଶାରଦ । ବର୍ତ୍ତମାନ ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ଉତ୍ତରଧିକାରୀମାନେ ତାଙ୍କ ନିଜ ଘରକୁ ଓଡିଶା ସରକାରଙ୍କୁ ଦାନ କରିଦେବା ପରେ ସରକାରଙ୍କ ତରଫରୁ ଏକ ଲାଇବ୍ରେରୀ ସେହି ସ୍ଥାନରେ ଚାଲୁଅଛି । ଏହି ଦୁଇ ଯୋଗ୍ୟ ପ୍ରତିଭା ଯେ କେବଳ ବାଣପୁର ମାଟିକୁ ଆଲୋକିତ କରିଥିଲେ ତାହା ନୁହେଁ; ଅନେକ ବୁଦ୍ଧିଜୀବୀ ପ୍ରଶାସନିକ ଅଧିକାରୀ, ଓକିଲ, ଡାକ୍ତର, ବିଜ୍ଞ ପ୍ରାଜ୍ଞ ମଧ୍ୟ ବାଣପୁର ମାଟିର ଗୌରବ ଗାନ କରିଛନ୍ତି । ସେମାନଙ୍କ ମଧ୍ୟରେ ଗୋଦାବରୀଶ ମିଶ୍ରଙ୍କ ସୁଯୋଗ୍ୟ ସନ୍ତାନ ଜଷ୍ଟିସ୍ ରଙ୍ଗନାଥ ମିଶ୍ର, ଲୋକନାଥ ମିଶ୍ର ଓ ରଘୁନାଥ ମିଶ୍ରଙ୍କ ନାମ ସର୍ବାଦୌ ସ୍ମରଣୀୟ । ଜଷ୍ଟିସ ରଙ୍ଗନାଥ ମିଶ୍ର ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ ସମ୍ପାଦନ କରି ସୌଭାଗ୍ୟ ଅର୍ଜନ କରିବା ସହିତ ଲୋକନାଥ ମିଶ୍ର ସାଂସଦ ଓ ଆସାମ ରାଜ୍ୟର ମହାମହିମ ରାଜ୍ୟପାଳ ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇପାରିଥିଲେ । ରଘୁନାଥ ମିଶ୍ରଙ୍କ ସୁଯୋଗ୍ୟ ପୁତ୍ର ଶ୍ରୀ ଦୀପକ ମିଶ୍ର ମଧ୍ୟ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି । ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଡକ୍ଟର ପ୍ରସନ୍ନ ପାଟଶାଣୀ ଜଣେ ଚର୍ଚ୍ଚିତ ଚେହେରା । ସେହି ମହାନୁଭବଙ୍କ ଜନ୍ମ ମଧ୍ୟ ବାଣପୁର ଅଞ୍ଚଳରେ । ଡକ୍ଟର ଦେବେନ୍ଦ୍ର ମାନସିଂହ, ଶ୍ରୀ ପିନାକୀ ମିଶ୍ର, ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରଭୃତି ରାଜନେତା ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ବିଧାୟକ, ମନ୍ତ୍ରୀ ପଦ ସମ୍ଭାଳିବା ସହିତ ଆନ୍ଧ୍ର ଓ ଛତିଶଗଡ ଭଳି ଦୁଇଟି ରାଜ୍ୟର ରାଜ୍ୟପାଳ ଦାୟିତ୍ୱ ନିର୍ବାହ କରି ଅବସର ନେଇଛନ୍ତି । କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ବାଣପୁର ମାଟିରେ ଜନ୍ମ ଲାଭ କରି ନିଜର ସାହିତ୍ୟ ସୃଷ୍ଟି ପାଇଁ ଅମର ହୋଇ ରହିଛନ୍ତି । ଉମାଶଙ୍କର ମିଶ୍ର ଆଇ.ପି.ଏସ., ଯେକି ସି.ବି.ଆଇ. ସଂସ୍ଥାର ନିର୍ଦ୍ଦେଶକ ହୋଇଥିଲେ ସେ ମଧ୍ୟ ଏହି ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ଥିଲେ । ତାଙ୍କର ଭାଇ ଗିରିଜା ଶଙ୍କର ମିଶ୍ର ମଧ୍ୟ ଜଣେ ଆଲାଏଡ଼ ଅଫିସର ଭାବେ କାର୍ଯ୍ୟ କରି ସେବା ନିବୃତ୍ତ ହୋଇଛନ୍ତି । ଏଇଭଳି ଅନେକ ମହାନୁଭବ ବିଜ୍ଞ ପ୍ରାଜ୍ଞ ବାଣପୁର ମାଟିରେ ଜନ୍ମ ନେଇ ପ୍ରତିଷ୍ଠା ଲାଭ କରିବା ସହିତ ଅଞ୍ଚଳର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ସହିତ ବାଣପୁର ଯେ ବାଣୀ ପୀଠ, ଏହି ଯୁକ୍ତିର ସାର୍ଥକତା ପ୍ରତିପାଦିତ କରିଛନ୍ତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
# ସପ୍ତାହାନ୍ତ ସାହିତ୍ୟ
ସମ୍ବାଦ କଳିକା
ପୃଷ୍ଠା - ୪
ଭୁବନେଶ୍ୱର, ୧୫ ଫେବୃୟାରୀ ୨୦୨୫ ଶନିବାର



## ଚଇତି ବାଆ

*ଶରତ ଦାଶ*

ମନର ବନରେ କିଏ ପ୍ରସାରିଲା
ଚଇତି ପାଗଳ ବାଆ
କିଏ ଦେଲା ତୁମି ଭାବନାରେ ଝୁମି
ଡାକିଲା ପ୍ରେମରେ ଆ ଆ

ବସନ୍ତ ନଥାଇ ଫୁଲରେ ଫୁଲରେ
କିଏ ସଜାଇଲା ଧରା

କିଏ ଏ ଉଦାସ ବିଦଗ୍ଧ ପ୍ରାଣରେ
ଢାଳିଲା ବରଷାଧାରା

କିଏ ସେ ଗାଇଲା ପ୍ରେମ ମଧୁ ଗୀତି
କରି ଚୋରି ହୃଦୟକୁ
କାହାର ମନ୍ମଥ କାଉଁରୀ ଛୁଆଁରେ
ହରାଇଲି ଅସ୍ତିତ୍ୱକୁ

ଦୁଃଖର ସାଗରେ ରଚିଲା କିଏସେ
ସୁଖର ଅନିନ୍ଦ୍ୟ ମାୟା
କିଏସେ ଭରିଲା ରଙ୍ଗହୀନ ପ୍ରାଣେ
ଇନ୍ଦ୍ରଧନୁର କାୟା

ପଥରେ ସଜାଇ କୋମଳ କୁସୁମ
ଚାଲିଲା କିଏସେ ସାଥେ
କାହାର ଚରିତ ଶ୍ରବଣରେ ନୀର
ଜରଜର ହେଲା ନେତ୍ରେ

ହତାଶା ଅନ୍ଧାରେ କିଏ ଜଳାଇଲା
ଆଶାର ସହସ୍ର ଦୀପ
ହୋଇବି ଅଦୃଶ୍ୟ କଳ୍ପନାର ନେତ୍ରେ
ଦେଖାଇଲା ଦିବ୍ୟ ରୂପ

ସେ କିବା ମୋହର ଅସହାୟତାର
ଭାବେ ପରିସ୍ଫୁଟ ଛାୟା
ଅବା ସୀମାହୀନ ଅଥଳ ସଂସାର
ସାଗରେ ଭରସା ନାଆ

ଜାଣିଛି ଭଲରେ ଦୁଃସ୍ଥ ଜୀବନରେ
ସେଇ ଏକା ଗତି ମୁକ୍ତି
ଅନେକ ନାମରେ ଅନେକ ରୂପରେ
ବିରାଜିତ ବିଶ୍ୱପତି ।

ଭୁବନେଶ୍ୱର

## ଝିଅ

*ରଶ୍ମିତା ସେଠୀ*

ଝିଅ ତୁ କେବେ କାନ୍ଦିବୁନି
ତୁ କାନ୍ଦିଲେ କେହି ଆସିବେନି
ପୋଛିବାକୁ
ତୋ ଆଖିର ଲୁହ ।
ତତେ ଚୁପ୍ ରହିବା କିଏ ଶିଖେଇଲା
କାଚ ନୁହଁ ତୁ ନିଜକୁ ପାହାଡ଼ଟେ କର
କାଚ ହେଲେ ଭାଙ୍ଗିଯିବୁ
ତୁ ମାନବି ନୁହଁ ତୁ ପରା ଦେବୀ
ନା ତୁ ପାଣିରେ ବୁଡ଼ିବୁ
ନା ତୁ ନିଆଁରେ ପୋଡ଼ିବୁ
ତୁ ତ ଅଗ୍ନିରୁ ଜାତ,
ତୁ ଜଳିପାରୁ ତୁ ଜାଳିପାରୁ
ମାଟି ନୁହଁ ରକ୍ତ ମାଂସରେ
ଗଢ଼ା ତୋର ଦେହ ।
ଜାଣେନା କାହିଁକି ତୁ ହସିଲେ
ସହିପାରେନି ଦୁନିଆ
ତୁ ଡରିଯିବୁନି, ହାରିଯିବୁନି
ତୁ ତ ମାଟି ତୁ ଆକାଶ
ତୁ ନିଜେ ତୋ ନିଜର ପରିଚୟ ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

## ଘଞ୍ଚ ଜଙ୍ଗଲରେ ମୁଁ ହଜି ଯାଇଛି

ମୁଁ ଏଇ ଘଞ୍ଚ ଜଙ୍ଗଲରେ ହଜିଯାଇଛି, ସବୁଆଡେ ଖାଲି ଗଛ ଆଉ ଗଛ । ଯେତେ ରାସ୍ତା ଏଠି ଅଛି, ସବୁ ଚୌ ରାସ୍ତା । ମୁଁ ଚାଲି ଚାଲି ୬୭ ଦିନ କରି ସାରିଲିଣି । କେଉଁଆଡେ ଯିବି ଜାଣି ପାରୁନି, ବାମକୁ ଯିବି ନା ଡାହାଣକୁ ଯିବି ? ଆଗକୁ ଯିବି ନା ପଛକୁ ଫେରିଯିବି ।

ମୋର ସମସ୍ୟା ହେଲା ମୁଁ କେଉଁଠାରୁ ବାହାରିଛି ମୁଁ ଜାଣିପାରୁନି । କେହି ଜଣେ ନାହାନ୍ତି ଯାହାକୁ ମୁଁ ପଚାରିବି ଭାଇ, ଏଇଟା ଠିକ୍ ରାସ୍ତା ତ ? ...

ଏତେ ଦିନ ହେଇଗଲାଣି, ଭୁଲ୍ ରାସ୍ତାରେ ଆସିଛି ନା ଠିକ୍ ରାସ୍ତାରେ ଆସିଛି ତା ବି ଜାଣିବା ମୁସ୍କିଲ୍ !!

ମୁଁ ଏଠାକୁ ଆସିଲି, କଣ ଭୁଲ୍ ହେଲା କି ? କିନ୍ତୁ .... ମୁଁ ତ ଚାହିଁ ନଥିଲି ଏଇ ଘଞ୍ଚ ଜଙ୍ଗଲକୁ ଆସିବା ପାଇଁ । ଯେଉଁମାନେ ମୋତେ ନେଇ ଆସିଥିଲେ ... ଏଠାକୁ ... ସେମାନେ ତ ଆଉ କେହି ନାହାଁନ୍ତି ... କେବେ ବି ତ ମୁଁ ସେମାନଙ୍କୁ ପଚାରିନି... ସେମାନେ ମୋତେ କାହିଁକି ଆଣିଲେ ? ... ଯଦି ବା ଆଣିଲେ, ମୋତେ ଏକା ଛାଡ଼ିକି ସେମାନେ କାହିଁକି ଚାଲିଗଲେ ? ...

ଗୋଟିଏ ରାସ୍ତା ଅଛି ... ସେମାନଙ୍କ ପାଖକୁ ଚାଲିଗଲେ ଅବଶ୍ୟ ସେମାନେ କହିବେ, ମୋତେ ସେମାନେ କାହିଁକି ଏଠାକୁ ଆଣିଥିଲେ ।

ଠିକ୍ ଅଛି, ଆଉ କିଛି ଦିନ ଏଇ ଜଙ୍ଗଲରେ ଚାଲିବା ... ଆଉ ତାପରେ ମୋର ସ୍ରଷ୍ଟା ମାନଙ୍କ ପାଖକୁ ଚାଲିଯିବା ।

ସେତେ ଦିନ ପର୍ଯ୍ୟନ୍ତ ଏଇ ଘଞ୍ଚ ଜଙ୍ଗଲରେ ଭଟକିବାକୁ ପଡ଼ିବ ... ଆଉ ଉପାୟ ନାହିଁ ।

ଭୁବନେଶ୍ୱର



ମନୋରଞ୍ଜନ ଦାଶ (ଟୁକୁ)

## ଅରଣ୍ୟରୁ ଜ୍ଞାନ-୩

*ଅଶୋକ ବିଶ୍ୱାଳ*

ଅରଣ୍ୟର ସୁରକ୍ଷିତ ବନ୍ଧନରେ
ହୃଦୟରେ କିଛି ଭୂକମ୍ପ ନଥିଲା
ମୋ ଭିତରେ ସବୁକିଛି ଶାନ୍ତ ରହିଥିଲା
ଅଚଳ ହୋଇ ମୁଁ ଠିଆହୋଇଥିଲି
ଶୁଣିଥିଲି,
ନିଘଞ୍ଚ ଦିନ ପ୍ରକୃତିର ଶ୍ରେଷ୍ଠ ନିଦର୍ଶନ
ଈଶ୍ୱରଙ୍କ ନିଜ କଳାକୃତି
ସତେ ଜାଣି କି ପାରିବି ?

ଦେଖିଲି ଘୋର ଅରଣ୍ୟରେ
ଜୀବନ ଚାରିଆଡେ ହସି ଉଛୁଳୁଛି
ଈଶ୍ୱରଙ୍କ ସ୍ନେହର ପରଶ ସବୁଠି
ମଣିଷର ପଢା ଜ୍ଞାନ ବିଫଳ ହେଉଛି
ଚର୍ମଚକ୍ଷୁ ଟିକିଏ କମ ତ ଦେଖୁନି
ହୃଦୟରେ ଜନ୍ମର ପ୍ରଥମ ସ୍ପନ୍ଦନ
ଖେଳୁଛି ।

ନିଘଞ୍ଚ ବନରେ
ପ୍ରତିଟି ଜୀବନ ନମ୍ର ଲାଗୁଅଛି
ଜୀବନର ବିଶୁଦ୍ଧତା,
ଶକ୍ତିର ଅକ୍ଷୟ ଉତ୍ସ
ଅନୁଭବ କରିହେଉଅଛି,
କିନ୍ତୁ, ଠିକରେ କିଛି ବୁଝିହେଉନାହିଁ ।

ଜାଣିଲି,
ଅରଣ୍ୟ ଅଦ୍ଭୁତ,
ସବୁ ଉପାଦାନ ଲକ୍ଷ ବର୍ଷରେ ତିଆରି
ଅଦ୍ୱିତୀୟ କାରିଗରୀ,
ମଣିଷ ଯେଇମିତି ଚାହେଁ
ସେଇମିତି ବ୍ୟବଚ୍ଛେଦ କରିପାରିବନି ।

ମନୁଷ୍ୟ ପ୍ରକୃତିର ଅତି କ୍ଷୁଦ୍ର ଅଂଶ
ପୂର୍ଣ୍ଣକୁ କେମିତି ଜାଣିବ
ତର୍କରେ ସମ୍ଭବ ହେବନି
ପ୍ରକୃତିର ନିୟମ ମାନିକି
ହୃଦୟରେ,
ଅରଣ୍ୟକୁ ଅନୁଭବ କରିବାର ଅଛି ।



## ପ୍ରେମର ସ୍ୱୀକୃତି

*ସୁବ୍ରତ କୁମାର ଜେନା*

ଥରେ ଭାବିଲ କେବେ ଯଦି ଏ ଆକାଶଟା
ତଳକୁ ଓହ୍ଲାଇ ଆସନ୍ତା ମାଟି ପାଖକୁ
ଆଉ ମାଟିକୁ ଭିଜେଇ ଦିଅନ୍ତା ପ୍ରେମର ବର୍ଷାରେ
ଦୁହେଁ ମନ ଭରି ବେଶ କିଛି ସମୟ ଉପଭୋଗ କରନ୍ତେ ସମୟକୁ ନୀରବରେ
ଯେଉଁ ଆଡକୁ ଚାହାଁନ୍ତେ ସବୁଠି ଗୋଲାପୀ ଗୋଲାପୀ ଆସ୍ତରଣ
ଗୋଲାପୀ ଧୂଆଁର ବଳୟ
ଆଉ ଶୁଭୁଥାନ୍ତା ପ୍ରେମ ସଙ୍ଗୀତର ମୃଦୁ ଧ୍ୱନି
ଏମିତି କଣ ହୁଅନ୍ତାନି କେବେ ବାସ୍ତବରେ ?

ମାଟି ସହ ବର୍ଷାର ସମ୍ପର୍କ ବହୁତ ନିବିଡ଼
କିଏ ନଜାଣେ କହିଲ ?
ଏଥିରେ ହଜିଯାନ୍ତି କବିଠୁ ଚିତ୍ରଶିଳ୍ପୀ ଯାଏଁ
ଖାଲି ସେଥି ଲାଗିତ
ଭିଜା ମାଟିର ବାସ୍ନା
ଆଃ..ତୃପ୍ତି ଭରିଦିଏ କୋଟି ପ୍ରାଣରେ କେତେ ପୁଲକରେ
ଆଉ ବିଚରା ମୟୂରୀ
କେତେବା ନାଚିବ କଳା ମେଘକୁ ଆକାଶରେ ଦେଖି ଦେଖି
ସେବି ଭାବିବ ସେ
କେବେ ବର୍ଷା ତାକୁ ନିଜର କରନ୍ତାନି
ଦଣ୍ଡେ, ମୁହୂର୍ତ୍ତେ ଅବା ଘଡ଼ିଏ ଲାଗି !
ସେବି ଅନୁଭବ କରନ୍ତା ପ୍ରେମର ପୁଲକକୁ
ତା ପ୍ରିୟର ବାହୁ ବନ୍ଧନରେ..

ଏତେ ସବୁ ପ୍ରେମର ରଙ୍ଗୀନ ସମୟରେ
ମୁଁ ଆଉ ତୁମେ କୋଉଠି ?
ହଁ ମୁଁ ଜାଣେ ତୁମେ ଆଉ ମୁଁ ଗୋଟେ ମୁଦ୍ରାର ଦୁଇଟି ପାର୍ଶ୍ୱ
ମିଳନ ଅସମ୍ଭବ
ତଥାପି ମୁଁ ହାରିଯାଇନାହିଁ ଏ ପ୍ରତିକୂଳ ପରିବେଶରେ
ମୁଁ ଜାଣେ ସବୁ ପରେ ପ୍ରେମ ସତ୍ୟ ଆଉ ସୁନ୍ଦର
ତୁମେ ନିଶ୍ଚିତ ଫେରିବ ଆରମ୍ଭକୁ ଖାଲି ମୋ ଲାଗି
ଯେମିତି...ନଈ ଧାଇଁ ଯାଏ ସମୁଦ୍ର ପାଖକୁ
ଆଉ ଜହ୍ନ ଚାହିଁଥାଏ ନୀଳ କଇଁକୁ
ସେଥିଲାଗି ମୁଁ ଜଗି ବସିଛି ତୁମ ଫେରିବା ପଥରେ ତୃଷ୍ଣା କାତର ଚାତକ ପରି
ଗୋଟେ ସତ ପ୍ରେମର ସ୍ୱୀକୃତି ଅପେକ୍ଷାରେ ।





*ଶୁରଢ଼ିହ, ନନ୍ଦିପୁର, ଯାଜପୁର*
*ମୋ-୯୭୭୬୨୦୮୯୩୦*

## ମୋ ମଲା ଖବର

*ପ୍ରଦୀପ୍ତ କୁମାର ଦାସ*

ମୋ ମଲା ଖବର ପାଇଲା ମାତରେ
ଆସିବୁ ମୋ ପାଶେ ଧାଇଁ -
ଶେଷ ଉପହାର ଗୋଲାପର ହାର
ଆଣିବୁ ତୁଉ ମୋ ପାଇଁ,
ମୋ ମଲା ମୁହଁରେ ଦୁଇ ଟୋପା ଲୁହ
ଢ଼ାଳିବୁ ତୁ ମନେକରି -
କିଏ କିଛି କାଳେ ଭାବିବ ପ୍ରିୟା ଲୋ
କାନ୍ଦିବୁନି ରାହା ଧରି,
ମନଦୁଃଖ ଜମା କରିବୁନି କେବେ
ଭାବିନେବୁ ମତେ ପର -
ମୋ କଥା ମନରୁ କାଢ଼ି ଦେଇ ତୁଉ
ସଜାଡ଼ିବୁ ତୋର ଘର,
ସିନ୍ଦୁର ଟୋପାଏ ଶଙ୍ଖା ଦୁଇପଟ
ପାରିଲିନି ଦେଇ ତତେ -
ଠାକୁର ଚାହିଁଲେ ଆର ଜନମରେ
ପାଇବୁ ନିଶ୍ଚୟ ମତେ,
ତୋ ବାଟକୁ ଚାହିଁ ରହିଥିବି ମୁହିଁ
ଅନନ୍ତ ପ୍ରତୀକ୍ଷା ନେଇ -
ଆଉ କାହା ହାତ ଧରିବୁନି ପ୍ରିୟା
ମତେ ତୁ ଲୋ ଦଗା ଦେଇ ।

*କଣ୍ଟାବଣିଆ, ଛତ୍ରପଡ଼ା,*
*ପ୍ରୀତିପୁର, ଯାଜପୁର*
*ମୋ- ୯୩୩୭୮୫୪୧୭୫*





## ଆସିଛି ଫଗୁଣ

*ବ୍ରହ୍ମମୟୀ ମିଶ୍ର*

ଏଇ ଦେଖ ଆମ ପୃଥିବୀକୁ ଆଜି
ଫଗୁଣ ଆସିଚି ଫେରି
କୋଇଲି ଗାଉଛି ପଞ୍ଚମ ରାଗିଣୀ
ମଳୟ ବହୁଛି ଥିରି
ଫୁଲରେ ଫୁଲରେ ଭରିଛି କାନନ
ମନେ ଉନ୍ମାଦନା ଭରେ
କଅଁଳ ପର୍ଣ୍ଣିକା ଧରି କୋମଳାଙ୍ଗୀ
ମୁରୁକି ହସାଟି ମାରେ
ଆମ୍ବ ବଉଳରେ ବାସନା ଭରିଛି
ମଧୁମକ୍ଷୀ ଗାଏ ଗୀତ
ଆର ବରଷକୁ କଷ୍ଟ ଦେଇ ଯାଇ
ମେଲାଣି ନେଲାଣି ଶୀତ
ନାହିଁ ଏଠି ଗ୍ରୀଷ୍ମ ଜାଳିବାକୁ ଦେହ
ନାହିଁ ବରଷାର ଛିଟା
ଦକ୍ଷିଣା ପବନେ ଆଖି ଲାଗିଯାଏ
ଆପେ ପଡିଯାଏ ପତା
କୃଷ୍ଣଚୂଡ଼ା ଦେଖ ସଜେଇ ହେଲାଣି
ମାଖିବାକୁ ନାଲି ରଙ୍ଗ
ବାଟେ ଗଲା ଲୋକ ଘଡିଏ ଚାହିଁବେ
ମନରେ ଭରି ସରାଗ
ଜହ୍ନର ଜୋଛନା କରେ ଆନମନା
ସୂରୁଜ ମୁରୁଜ ବୁଣେ
ନଦୀ ଧାରେ ଦେଖି କାଚ କେନ୍ଦୁ ପାଣି
ଭିଜିବାକୁ ମନ ଟାଣେ
ମଧୁମାଳତୀର ମଧୁର ଗୀତିକା
ଶୁଭିଲାଣି କାନେ କାନେ
ପଥ ପ୍ରାନ୍ତ ଧାରେ ସଜେଇ ହୋଇବ
ମଧୁ ମାସେ ମଧୁ ଲଗ୍ନେ
ଚିକି ମିକି ତାରା ଆକାଶ ଦେହରେ
କେତେ ଯେ କାହାଣୀ ଲେଖେ
ଅବୁଝା ମନଟା ସ୍ମୃତି ସିଲଟରେ
ଅପାଶୋରା ଛବି ଆଙ୍କେ
ଚାରୁ ଚିତ୍ରପଟେ ଛବିଳ ଧରଣୀ
ଚନ୍ଦ୍ରମା ପରିକା ହସେ
ଗଜରା ସଜେଇ ମନକୁ ଚୋରାଏ
ମୁନି ମନ ଲୋଭା ବେଶେ
ଆଉ ବରଷକ ଆୟୁଷ ଲୋଡିବି
ଦେବାକୁ ତୋର କାନ୍ତି
ଫୁଲେଇ ଫଗୁଣ ଆସିଛି ଧରାକୁ
ମନେ ଭରି ସୁଖ ଶାନ୍ତି ।

*ଜଗତସିଂହପୁର*
*ମୋ- ୯୪୩୭୮୫୩୬୩୭*



## ବୋଉ..

*ରାମଚନ୍ଦ୍ର ବେହେରା*

ନିରୀହ କୋମଳ
ପାଣିଠୁ ଶୀତଳ ସ୍ୱଭାବ
ମୁଖେ ଆଭୂଷଣ
ସଦା ସଦ୍ୟ ପ୍ରସ୍ଫୁଟିତ ହସ
ଅଦମ୍ୟ ଶୁଣିବାର ଶକ୍ତି
ଆପଦେ ସର୍ବଂସହା
ଦୁଃଖକୁ ଜାବୁଡି ଧରି
ହସି ହସାଉଥିବା
ଜୀବନ୍ତ ମୂର୍ତ୍ତି.. କେବଳ ମୋର ନୁହେଁ
ସଂସାରରେ ସମସ୍ତଙ୍କର
ଖୁବ୍ ଆପଣାର ଚରିତ୍ର
ସ୍ନେହ ସମ୍ମୋହନେ
କରିଥାଏ ସଭିଙ୍କୁ ନିଜର
ନିଜ ପାଇଁ କିଛି
ଚିନ୍ତା ବି କରେନି
ବାପା, ଆଇ ଓ ଜେଜେଙ୍କ ତୋଡକୁ
ନିରବରେ ସହୁଥିବା
ନିର୍ଜୀବ ପରି ନିରୁତ୍ତର ରହୁଥିବା
ମହିୟସୀ ଅବଳା
ଯାପାଇଁ ସମାନ
ବର୍ଷ ମାସ ଦିନଦଣ୍ଡ
ପୁଣି ବର୍ଷା ଆଉ ଖରା
କଡା ପାନକୁ କଳରେ ଜାକି
ରୋଷେଇ ଶାଳରୁ
ଗାଈ ଗୁହାଳ ପର୍ଯ୍ୟନ୍ତ
ସମୟର ତାଳେ ତାଳେ
ଘୁରି ବୁଲୁଥିବା
ଅକ୍ଳାନ୍ତ ଶ୍ରମ ସହ
ସଂଗ୍ରାମ କରୁଥିବା
ଚିର ବନ୍ଦନୀୟା, ଚିର ପୂଜନୀୟା
ଜନନୀର ଚରଣ ତଳେ
ଆପେ ନଇଁଯାଏ ମଥା
ଯିଏ ଆସେ ଭିନ୍ନ ରୂପେ
କେବେ ଭଗିନୀ କେବେ ଜାୟା
ପୁଣି କେବେ ସ୍ନେହମୟୀ ମାତା ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ସୁନାଚୁଡ଼ି



ରାଜଶ୍ରୀ ରଞ୍ଜିତା ହରିଚନ୍ଦନ

ସମୀର ବାବୁ ଚାକିରିରୁ ଅବସର ନେବା ପୂର୍ବରୁ ଶେଷ ଦରମାରେ ନିଜ ସହଧର୍ମିଣୀ ସୁନୟନାଙ୍କ ପାଇଁ ଚାରି ପଟ ସୁନା ଚୁଡ଼ି କିଣିଲେ । ଯା ମାନେ ନୁହେଁ ଯେ ତାଙ୍କର ସାମର୍ଥ୍ୟ ନଥିଲା, କିନ୍ତୁ ପରିବାର ପ୍ରତି କର୍ତ୍ତବ୍ୟ ଓ ସମସ୍ତଙ୍କର ଆବଶ୍ୟକତା ପୂରଣ କରୁ କରୁ ସହଧର୍ମିଣୀଙ୍କ ପାଇଁ ଚାରିପଟ ସୁନା ଚୁଡ଼ି କିଣି ପାରିନଥିଲେ ।

ସାବିତ୍ରୀ ପୂର୍ବଦିନ ସନ୍ଧ୍ୟାରେ ସମୀର ବାବୁ ବଜାରରୁ ଫେରି କହିଲେ; ସୁନି, ଶୁଣ ତୁମ ପାଇଁ ଚାରିପଟ ସୁନାଚୁଡ଼ି ଆଣିଛି । ପିନ୍ଧିକି ଦେଖିଲ କେମିତି ମାନୁଛି । ସୁନୟନା ସୁନାଚୁଡ଼ି କଥା ଶୁଣୁ ଶୁଣୁ ଖୁସିରେ ଦୌଡ଼ି ଆସିଲେ । ସମୀର ବାବୁଙ୍କ ହାତରୁ ଚୁଡ଼ି ଚାରିପଟ ଧରୁ ଧରୁ କହିଲେ, ଆରେ ବାଃ, ଚୁଡ଼ିରେ ତ ହୀରା ଲାଗିଛି ! ଆଉ କ'ଣ ଏ ସୁନାଚୁଡ଼ି ପିନ୍ଧିବାର ବୟସ ଅଛି ? ସମୀର ବାବୁ କହିଲ, ଚୁଡ଼ି ପିନ୍ଧିବାରେ ବୟସର କଣ ଆବଶ୍ୟକତା । ସୁନୟନା ଟିକେ ହସିଦେଇ ସୁନାଚୁଡ଼ି ଚାରିପଟ ହାତରେ ପିନ୍ଧି ସମୀର ବାବୁଙ୍କୁ ପ୍ରଣାମ କଲେ ।

ସକାଳ ହେଲା ସାବିତ୍ରୀ ଅମାବାସ୍ୟା ପାଇଁ ସମସ୍ତେ ପୂଜାରେ ବ୍ୟସ୍ତ ଥାନ୍ତି । ସମୀର ବାବୁ ନିଜ ପେନ୍‌ସନ୍ କଥା ବୁଝିବା ପାଇଁ ତରତର ହୋଇ ଅଫିସ୍ ବାହାରୁଥାନ୍ତି । ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ସୁନି ସୁନି ଡାକି ତଳେ ପଡିଗଲେ । ସୁନୟନା ସ୍ୱାମୀଙ୍କ ଡାକ ଶୁଣି ପୂଜାଘରୁ ଆସିଲା ବେଳକୁ ଦେଖିଲେ ସମୀର ବାବୁ ଚେତାଶୂନ୍ୟ ହୋଇ ଚଟାଣରେ ପଡ଼ିଥିଲେ । ସୁନୟନାଙ୍କ ପାଟି ଶୁଣି ପୁଅ ବୋହୂ ସମସ୍ତେ ଧାଇଁ ଆସି ଦେଖନ୍ତି ତ ସମୀର ବାବୁ ସବୁଦିନ ପାଇଁ ଚିର ନିଦ୍ରାରେ ଶୋଇ ଯାଇଥାନ୍ତି । କିଛି ସମୟ ପୂର୍ବରୁ ଖୁସିରେ ଫାଟି ପଡୁଥିବା ଘରଟା କାନ୍ଦ ବୋବାଳିରେ ଉଚ୍ଛନ୍ନ ହେଲା ।

ସ୍ୱାମୀ ଚାଲିଯିବାର କିଛିଦିନ ପରେ ନିଜ ପାଖରେ ଥିବା ସବୁତକ ଗହଣାକୁ ବୋହୂମାନଙ୍କ ଭିତରେ ବାଣ୍ଟିଦେଲେ ସୁନୟନା । ସବୁ ବର୍ଷ ସାବିତ୍ରୀ ଅମାବାସ୍ୟା ଦିନ ସକାଳୁ ସକାଳୁ ସୁନୟନା ସିନ୍ଦୁକ ଭିତରୁ କଣ ଗୋଟେ ବାହାର କରି ଦେଖନ୍ତି ଓ ଲୁଚେଇ ଲୁଚେଇ କାନ୍ଦନ୍ତି । ବୋହୂମାନଙ୍କର ନଜର ପଡିଲେ କିଛି ନଜାଣିଲା ପରି ତାକୁ ସିନ୍ଦୁକ ଭିତରେ ଲୁଚେଇ ଦିଅନ୍ତି । ସବୁ ବର୍ଷ ସାବିତ୍ରୀ ଦିନ ବୋହୂମାନେ ସ୍ୱାମୀମାନଙ୍କ ଆଗରେ ସେଇ ଗୋଟିଏ ଅଭିଯୋଗ କରିଥାନ୍ତି ଯେ ମା' କଣ ଗୋଟେ ସିନ୍ଦୁକ ଭିତରେ ଲୁଚେଇ ରଖିଛନ୍ତି । କିନ୍ତୁ ମା'ର କାଳେ ମନଦୁଃଖ ହେବ ବୋଲି ଏ ବିଷୟରେ କୌଣସି ପୁଅ ସୁନୟନାଙ୍କୁ କିଛି ପଚାରନ୍ତି ନାହିଁ ।

ସମୟ ଗଡି ଚାଲିଲା । କାଳକ୍ରମେ ସୁନୟନା ମଧ୍ୟ ସଂସାରରୁ ଚାଲିଗଲେ । ସେ ଚାଲିଯିବାର କିଛି ଦିନ ପରେ ବୋହୂମାନଙ୍କର ଆଗ୍ରହ କ୍ରମେ ପୁଅମାନଙ୍କର ଅନିଚ୍ଛା ସତ୍ତ୍ୱେ ସମସ୍ତଙ୍କ ଉପସ୍ଥିତିରେ ସିନ୍ଦୁକ ଖୋଲାଗଲା । ସିନ୍ଦୁକ ଭିତରେ ଅତି ଯତ୍ନ ସହକାରେ ରଖାଯାଇଥିଲା ଏକ ଚୁଡ଼ି ଡବା । ଚୁଡ଼ି ଡବାରେ ଚାରି ପଟ ହୀରା ଖଚିତ ସୁନାଚୁଡ଼ି । ତା ସହିତ ମା'ଙ୍କର ହାତଲେଖା ଚିଠି ଖଣ୍ଡେ ।

ଚିଠିରେ ପୁଅମାନଙ୍କୁ ସମ୍ବୋଧନ କରି ଲେଖାହୋଇଥିଲା, ପିଲାମାନେ, ତୁମେମାନେ ଆଜିକାଲିକା ଛୁଆ, ମୋ କଥାକୁ ଅନ୍ଧବିଶ୍ୱାସ ବୋଲି ଭାବିପାର । କିନ୍ତୁ ସେଇ ହୀରଲଗା ସୁନାଚୁଡ଼ି ପାଇଁ ମୁଁ ମୋ ସ୍ୱାମୀଙ୍କୁ ହରାଇଛି ବୋଲି ବିଶ୍ୱାସ କରୁଛି । ଆଗକୁ ଏହା କାହାରି କିଛି କ୍ଷତି ନକରୁ, ସେଥିପାଇଁ ଏ ଚୁଡିକୁ ମୁଁ ମୋ ନିଜ ପାଖରେ ଲୁଚେଇ ରଖିଥିଲି । ମୁଁ ଗଲା ପରେ ଏଇ ଚୁଡିକୁ ବିକ୍ରି କରି ସେଇ ଟଙ୍କାରେ ତୁମ ବାପାଙ୍କ ସମାଧି ପାଖରେ ମୋ ପାଇଁ ଗୋଟେ ସମାଧି ତିଆରି କରିଦେବ । ଠାକୁରେ ସବୁବେଳେ ତୁମମାନଙ୍କୁ ଖୁସିରେ ରଖନ୍ତୁ । ଚିଠିଟି ପଢିସାରି ସମସ୍ତେ ଭୋ ଭୋ କାନ୍ଦି ଉଠିଲେ । ବୋହୂମାନେ ଶାଶୂଙ୍କୁ ସନ୍ଦେହ କରିଥିବାରୁ ମନେ ମନେ କ୍ଷମା ମାଗୁଥିଲେ ।

*ଅତାଳ, ବତାଳ,*
*ନିରାକାରପୁର, ପୁରୀ*

## କୁସୁମ

*ରଜନୀ ନାୟକ*

ମୁଁ ଅଟକାଇ ଧରିଛି,
ମୋ ବଳକା ଆୟୁଷର ସବୁ ଛୋଟ ବଡ଼ ଅବୁଝାପଣକୁ
କିନ୍ତୁ ମୁଁ ଅଟକାଇ ପାରିନାହିଁ, ବସନ୍ତର ଆଗମନକୁ
କୋଇଲିର କୁହୁତାନ ଓ ମିଠା ଫଗୁଣର ଆଶ୍ଳେଷକୁ
ରାସ୍ତା କଡ଼ରେ ଖିଲି ଖିଲି ହସୁଥିବା କୃଷ୍ଣଚୂଡ଼ାର ନାଲି ହସକୁ

ଜୀବନର ବାସ୍ତବତାକୁ ଭେଟୁ ଭେଟୁ
ମୁଁ ସଜାଡ଼ିବାରେ ଲାଗିଛି,
ଧିରେ ଧିରେ ଅଡୁଆ ହେଉଥିବା ସୂତା ଖିଅମାନଙ୍କୁ
ବୁଝିବାକୁ ଚେଷ୍ଟା କରୁଛି...
ଏହା ସୁତାର କଠିନତା ନା ମୋର ଅପାରଗପଣ ??
ବାରମ୍ବାର ହାରି ହାରି ଜିତିବାର ନିଶାରେ
ମୁଁ ଅଟକାଇ ପାରିନାହିଁ
ମୋ ଉପରଦେଇ ବହିଯାଉଥିବା ସମୟର ନିଛକ ସତ୍ୟକୁ



ମୁଁ ଅଟକାଇ ଦେଇଛି,
ଘର ଭିତରକୁ ପଶି ଆସୁଥିବା ଦଲକାଏ ମନ୍ଦ ମଳୟକୁ
ମୁଁ ଜାଣେ, ସେ ମୋତେ ବିଭୋର କରିବ
ଫେରାଇ ନେବ, ଯେଉଁଠାରେ ମୁଁ ଛାଡ଼ିଆସିଛି ମୋ ବାକି ଜୀବନର ପୂର୍ଣ୍ଣତାକୁ
ମୁଁ କିନ୍ତୁ ଅଟକାଇ ପାରିନାହିଁ
ମୋ ଅଜାଣତରେ ଆଖିରୁ ନିଗିଡ଼ି ଓଠ ଉପରେ ଝୁଲୁଥିବା ଦୁଇ ଟୋପା ଉଷୁମ ଲୁହକୁ ।



ଉଜୁଡ଼ା କ୍ଷେତର ସ୍ୱାକ୍ଷର ଲିଭିବା ଆଗରୁ
ମୁଁ ଅଟକାଇ ଦେଇଛି,
ଶେଷ ସୂର୍ଯ୍ୟର ଲାଲିମାକୁ ମୋ କପାଳରେ
ପାଦରୁ ପଦାତିକ, ଗଦ୍ୟରୁ ଗୌରବ ଯାଏଁ ଲମ୍ବି ଥିବା ଇତିହାସ
ପଲକରେ ମିଳେଇ ଯାଉଥିବା ବିଶ୍ୱାସକୁ ପଖାଳୁ ପଖାଳୁ
ମୁଁ ଅଟକାଇ ପାରିନାହିଁ
ଘନ ରକ୍ତ ଟୋପା ପରି ଭୂମିରେ ପଡୁଥିବା ମୋର ଶେଷ ସ୍ୱେଦକୁ ।

ଭୁବନେଶ୍ୱର

## ଆନ୍ତଃବିଭାଗୀୟ ଖେଳ ପ୍ରତିଯୋଗିତା
# ଇଞ୍ଜିନିୟରିଂ ଦଳ ଚାମ୍ପିଅନ

**ସମ୍ବଲପୁର**

ପୂର୍ବତଟ ରେଳପଥ କ୍ରୀଡ଼ା ସଙ୍ଗଠନ ସମ୍ବଲପୁର ପକ୍ଷରୁ ସ୍ଥାନୀୟ ରେଳବାଇ ଷ୍ଟାଡିୟମ ଠାରେ ଆନ୍ତଃ ବିଭାଗୀୟ ଖେଳ ପ୍ରତିଯୋଗିତା –୨୦୨୫ ଆୟୋଜିତ ହୋଇଯାଇଛି । ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ବିଭାଗ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଏବଂ ଇକୋରୋର ଅଧକ୍ଷା ଲୀନା ପାଣ୍ଡେ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଆନ୍ତଃ ବିଭାଗୀୟ ଖେଳ ପ୍ରତିଯୋଗିତାର କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ବୈଦ୍ୟୁତିକ (ଓପି) ଦଳ ଏବଂ ଇଞ୍ଜିନିୟରିଂ ଦଳ ମଧ୍ୟରେ ହୋଇଥିଲା । ବୈଦ୍ୟୁତିକ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ୱିକେଟ ବିନିମୟରେ ୧୦୭ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଇଞ୍ଜିନିୟରିଂ ଦଳ ୧୪.୪ ଓଭରରେ ୨ ୱିକେଟ ବିନିମୟରେ ୧୦୮ ରନ ସଂଗ୍ରହ କରି ୮ ୱିକେଟରେ ମ୍ୟାଚ୍ ଜିତି ଚଳିତ ବର୍ଷର ଚାମ୍ପିୟନ ହୋଇଥିଲା । ଇଞ୍ଜିନିୟରିଂ ଦଳ ବିଭୂଦତ୍ତ ବରାଳ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ହୋଇଥିଲେ । ଇଞ୍ଜିନିୟରିଂ ଦଳର କାହ୍ନୁଚରଣ ପ୍ରଧାନଙ୍କୁ ଶ୍ରେଷ୍ଠ ବୋଲର ଓ ବାଣିଜ୍ୟ ଦଳର ସତ୍ୟବ୍ରତ ସେଠଙ୍କୁ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନର ପୁରସ୍କାର ମିଳିଛି । ସେହିଭଳି ଭଲିବଲ ପ୍ରତିଯୋଗିତାରେ ଆରପିଏଫ ଓ ଇଞ୍ଜିନିୟରିଂ ଦଳ ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ଇଞ୍ଜିନିୟରିଂ ଦଳ ମ୍ୟାଚ୍ ଜିତି ଚାମ୍ପିୟନ ହୋଇଛି । ଇଞ୍ଜିନିୟରିଂ ଦଳର ପ୍ରମୋଦ ପାଣିଗ୍ରାହୀଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଛି । ଲନ୍ ଟେନିସ୍ ଡବଲ୍ସରେ ତତ୍ତ୍ୱଦର୍ଶୀ ସାହୁ ଓ ଆଲୋକ ରଞ୍ଜନ ପଣ୍ଡା ବିଜୟୀ ହୋଇଛନ୍ତି । ବ୍ୟାଡ୍‌ମିଣ୍ଟନ ଖେଳରେ ତତ୍ତ୍ୱଦର୍ଶୀ ସାହୁ ଓ କେ. ନବୀନ ରାଜୁ ବିଜୟୀ ହୋଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ମାନେ ବିଜେତା ଓ ଉପ ବିଜେତା ଦଳ ଗୁଡିକୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । କ୍ରୀଡ଼ା ଅଧିକାରୀ ରିତେଶ ମେହେରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ, କର୍ମଚାରୀ ଓ ଜନତା ସାମିଲ ହୋଇଥିଲେ ।

# ଚାମ୍ପିୟନ୍ସ ଟ୍ରଫି ବିଜେତାଙ୍କ ପୁରସ୍କାର ରାଶି ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**

ଦୀର୍ଘ ୮ ବର୍ଷ ପରେ ଫେରିଛି ଚାମ୍ପିୟନ୍ସ ଟ୍ରଫି । ୨୦୧୭ରେ ଶେଷ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଇଂଲଣ୍ଡରେ ଖେଳାଯାଇଥିଲା । ଏଥର ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ କରୁଛି । କିନ୍ତୁ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ୟୁଏଇରେ ଖେଳିବ । ଫେବୃୟାରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବାକୁ ଯାଉଛି । କିନ୍ତୁ ଏହା ପୂର୍ବରୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ବିଜେତା, ରନର୍ସଅପ୍ ଓ ଅନ୍ୟ ଦଳଗୁଡ଼ିକୁ କେତେ ଟଙ୍କା ଲେଖାଏ ମିଳିବ, ତା'ର ଘୋଷଣା କରିଛି ।



ବିଶ୍ୱର ଟପ୍ ୮ ଟିମ୍‌କୁ ନେଇ ଦିନିକିଆ ଫର୍ମାଟରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବ । ଏହାର ବିଜେତାଙ୍କୁ ୨.୨୪ ମିଲିୟନ ଡଲାର ବା ପ୍ରାୟ ୨୦ କୋଟି ଟଙ୍କା ମିଳିବ । ଆର୍ଥିକ ପୁରସ୍କାର ବ୍ୟତୀତ ବିଜେତା ଦଳକୁ ଆଇସିସି ଟ୍ରଫି ୯ ତାରିଖ ଦିନ ଦିଆଯିବ । ଫାଇନାଲରେ ହାରୁଥିବା ଦଳକୁ ୧.୧୨ ମିଲିୟନ ଡଲାର, ସେମି ଫାଇନାଲକୁ ଯାଇଥିବା ଦୁଇ ଦଳକୁ ୫୬୦,୦୦୦ ଲେଖାଏଁ ଡଲାର ମିଳିବ । ମୋଟ ଉପରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ୬.୯ ମିଲିୟନ ଡଲାରର ପୁରସ୍କାର ଦେବ । ଏହା ୨୦୧୭ ଆର୍ଥିକ ପୁରସ୍କାର ତୁଳନାରେ ୫୩% ଅଧିକ ।

ଆଇସିସିର ଘୋଷଣା ଅନୁଯାୟୀ, ଗ୍ରୁପ୍ ପର୍ଯ୍ୟାୟରେ ପ୍ରତିଟି ବିଜୟ ପାଇଁ ଦଳଗୁଡ଼ିକୁ ୨୯ ଲକ୍ଷ ଟଙ୍କା ମିଳିବ । ୫ ଓ ୬ଷ୍ଠ ସ୍ଥାନରେ ଅଭିଯାନ ଶେଷ କଲେ ୩ କୋଟି ଲେଖାଏ ଦିଆଯିବ । ୭ମ ଓ ୮ମ ସ୍ଥାନରେ ରହୁଥିବା ଦଳ ୧.୨ କୋଟି ଲେଖାଏଁ ପାଇବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଇଥିବା ପ୍ରତିଟି ଦଳ ନିଶ୍ଚିତ ଭାବେ ୧୨୫,୦୦୦ ଡଲାର ବା ୧.୦୮ କୋଟି ଟଙ୍କା ପାଇବେ ।

ଚାମ୍ପିୟନ୍ସ ଟ୍ରଫି ପୁରସ୍କାର ଅର୍ଥ: ବିଜେତା-୨୦.୮ କୋଟି, ରନର୍ସ ଅପ ୧୦.୪ କୋଟି, ସେମି ଫାଇନାଲ-୫.୨ କୋଟି, ୫ମ ଓ ୬ଷ୍ଠ ସ୍ଥାନ–୩ କୋଟି, ୭ମ ଓ ୮ମ ସ୍ଥାନ-୧.୨ କୋଟି, ପ୍ରତିଟି ମ୍ୟାଚ୍(ବିଜୟୀ)-୨୯ ଲକ୍ଷ ।

୧୯୯୬ ପରେ ପାକିସ୍ତାନ କୌଣସି ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି । ୨ ସପ୍ତାହ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ମ୍ୟାଚ୍‌କୁ ବାଦ୍ ଦେଲେ ବାକି ମ୍ୟାଚ୍‌ଗୁଡ଼ିକ କରାଚି, ଲାହୋର ଓ ରାୱଲପିଣ୍ଡିରେ ଖେଳାଯିବ । ଚଳିତ ବର୍ଷ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଥିବା ୮ ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି । ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏଁ ଟିମ୍ ରହିଛନ୍ତି । ଗ୍ରୁପ ପର୍ଯ୍ୟାୟରେ ପ୍ରତି ଦଳ ବାକି ୩ ଟିମ୍ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ । ଏହାପରେ ପ୍ରତି ଗ୍ରୁପର ଟପ୍ ୨ଟି ଟିମ୍ ସେମି ଫାଇନାଲକୁ ଯିବ ।

ଆଇସିସି ପୁରୁଷ ଚାମ୍ପିୟନ୍ସ ଟ୍ରଫି ପ୍ରତି ୪ ବର୍ଷରେ ଥରେ ହୋଇଥାଏ । ଶେଷ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ୨୦୧୭ରେ ଆୟୋଜନ ହୋଇଥିଲା । କରୋନା ପାଇଁ ୨୦୨୧ରେ ଏହା ହୋଇ ପାରି ନଥିଲା । ଏବେ ୮ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ପୁଣି ଆରମ୍ଭ ହେବାକୁ ଯାଉଛି । ୨୦୧୭ର ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ଚୀରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ହରାଇ ପ୍ରଥମଥର ଚାମ୍ପିୟନ ହୋଇଥିଲା । ୨୦୧୩ରେ ଭାରତ ଫାଇନାଲରେ ଇଂଲଣ୍ଡକୁ ହରାଇଥିଲା ।

# ବିବାହ ବନ୍ଧନରେ ବାନ୍ଧି ହେଲେ ଦିଲ୍ଲୀ କ୍ୟାପିଟାଲ୍ସର ପୂର୍ବତନ ଅଲରାଉଣ୍ଡର

**ନୂଆଦିଲ୍ଲୀ**



୨୦୨୫ ଚାମ୍ପିଅନ୍ସ ଟ୍ରଫି ଶେଷ ହେବା ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ ଆରମ୍ଭ ହେବ । ସମସ୍ତ ୧୦ଟି ଫ୍ରାଞ୍ଚାଇଜ ଲିଗ୍ ପାଇଁ ସେମାନଙ୍କର ରଣନୀତି ପ୍ରସ୍ତୁତ କରିବାରେ ବ୍ୟସ୍ତ, ଖେଳାଳିମାନେ ମଧ ସେମାନଙ୍କର ଫର୍ମ ଏବଂ ଫିଟ୍‌ନେସ୍ ଉପରେ କାମ କରୁଛନ୍ତି । ଏହି ସମୟରେ, ଖବର ଆସିଛି ଯେ ଦିଲ୍ଲୀ କ୍ୟାପିଟାଲସର ଜଣେ ପୂର୍ବତନ ଅଲରାଉଣ୍ଡର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ଏହାର ଫଟୋ ମଧ ସୋସିଆଲ ମିଡିଆରେ ସେୟାର କରିଛନ୍ତି ।

ଦିଲ୍ଲୀ କ୍ୟାପିଟାଲ୍ସର ପୂର୍ବତନ ଅଲରାଉଣ୍ଡର ଲଳିତ ଯାଦବ ବିବାହ କରିଛନ୍ତି । ଜୁଲାଇ ୨୦୨୪ରେ ନିର୍ବନ୍ଧ କରିଥିବା ଲଳିତ ୧୩ ଫେବୃୟାରୀ ୨୦୨୫ରେ ମୁସ୍କାନ ଯାଦବଙ୍କୁ ବିବାହ କରିଥିଲେ । ରିପୋର୍ଟ ଅନୁସାରେ, ବିବାହ ଉତ୍ସବରେ ଉଭୟ ପରିବାରର ନିକଟତର ଲୋକମାନେ ଉପସ୍ଥିତ ଥିଲେ । ବିବାହ ବହୁତ ଧୁମଧାମରେ ଅନୁଷ୍ଠିତ ହୋଇଥିଲା । ମୁସ୍‌କାନଙ୍କୁ ଏକ ସୁନ୍ଦର ଲାଲ ଲେହେଙ୍ଗାରେ ଦେଖିବାକୁ ମିଳିଥିଲା ଯେତେବେଳେ ଲଳିତ କ୍ରିମ ରଙ୍ଗର ଶେରୱାନିରେ ବହୁତ ସୁନ୍ଦର ଦେଖାଯାଉଥିଲେ । ଲଳିତ ଯାଦବଙ୍କ ବିବାହ ପରେ, ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସାଥୀଙ୍କଠାରୁ ଅଭିନନ୍ଦନ ମିଳୁଛି । ମୁକେଶ କୁମାର, କୁଲଦୀପ ଯାଦବ ଏବଂ ଖଲିଲ ଅହମ୍ମଦଙ୍କ ଭଳି ଖେଳାଳିମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

୨୮ ବର୍ଷୀୟ ଅଲରାଉଣ୍ଡର ଲଳିତ ଯାଦବଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଲକ୍ଷ ଟଙ୍କାରେ ୨୦୨୦ ମସିହାରେ କିଣିଥିଲା । ତାଙ୍କୁ ସେହି ସିଜିନରେ ଖେଳିବାର ସୁଯୋଗ ମିଳିନଥିଲା । ସେ ୨୦୨୧ ମସିହାରେ ତାଙ୍କର ଡେବ୍ୟୁ କରିଥିଲେ । ସେହି ସିଜନରେ ତାଙ୍କୁ ୭ଟି ମ୍ୟାଚ ଖେଳିବାକୁ ମିଳିଥିଲା । ଏଥିରେ ସେ ୬୮ ରନ କରିଥିଲେ ଏବଂ ୪ ୱିକେଟ ନେଇଥିଲେ । ୨୦୨୨ ମେଗା ନିଲାମରେ, ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୬୫ ଲକ୍ଷ ଟଙ୍କାରେ କିଣିଥିଲା । ସେହି ସିଜନରେ, ସେ ୧୨ଟି ମ୍ୟାଚ୍‌ରେ ୧୬୧ ରନ କରିଥିଲେ ଏବଂ ୪ଟି ୱିକେଟ ନେଇଥିଲେ । ସେ ୨୩ ଏବଂ ୨୪ ସିଜିନରେ କେବଳ ୮ଟି ମ୍ୟାଚ୍ ଖେଳିବାକୁ ପାଇଥିଲେ ଯେଉଁଥିରେ ସେ ୭୬ ରନ କରିଥିଲେ ଏବଂ ୨ ୱିକେଟ ନେଇଥିଲେ । ତାଙ୍କୁ ୨୦୨୫ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ମୁକ୍ତ କରିଥିଲା ଏବଂ ସେ ମେଗା ନିଲାମରେ ବିକ୍ରୟ ହୋଇନଥିଲେ ।

# ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ଗମ୍ଭୀରଙ୍କୁ ନିର୍ଦ୍ଦେଶ ଦେଲା ବିସିସିଆଇ

**ନୂଆଦିଲ୍ଲୀ**

ଶୃଙ୍ଖଳା, ଏକତା ଓ ସକାରାତ୍ମକ ପରିବେଶ । ଭାରତୀୟ କ୍ରିକେଟ ଟିମ୍‌ରେ ଏହାକୁ ଗୁରୁତ୍ୱ ଦେଇ ଚାଲିଛି ବିସିସିଆଇ । ଏଥିପାଇଁ ବିସିସିଆଇ ୧୦ ସୂତ୍ରୀ ନିୟମ କାର୍ଯ୍ୟକାରୀ କରିଛି । ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଏହା ଲାଗୁ ହେବ ।

ବର୍ଡର-ଗାଭାସ୍କର ଟ୍ରଫି ବେଳେ ଟିମ୍ ଭାଗଭାଗ ହୋଇଥିବା ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା । ଟିମ୍‌ରେ ଏକତା ନଥିବା କୁହାଯାଇଥିଲା । ଟିମ୍ ପରିବେଶରେ ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ବିସିସିଆଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଲୋଚନା କରି କିଛି ନିୟମ ପ୍ରଣୟନ କରିଛି । କିନ୍ତୁ ଏବେ ଲାଗୁ ହୋଇଥିବା ନୂଆ ନିୟମ ଖୋଦ୍ ଗୌତମ ଗମ୍ଭୀରଙ୍କୁ ଝଟ୍‌କା ଦେଇଛି । ବିସିସିଆଇର ନୂଆ ନିୟମ କହୁଛି ଯେ ବ୍ୟକ୍ତିଗତ ଆସିଷ୍ଟାଣ୍ଟ କିମ୍ବା ସପୋର୍ଟ ଷ୍ଟାଫ ମ୍ୟାନେଜର ଏଣିକି ଟିମ୍ ବସ୍‌ରେ ସିନିୟର ଖେଳାଳିଙ୍କ ସହ ଏକାଠି ଯାତ୍ରା କରିପାରିବେ ନାହିଁ । ସେହିପରି ସେମାନେ ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ୍ ରହୁଥିବା ହୋଟେଲରେ ରହିବାକୁ ଅନୁମତି ପାଇବେ ନାହିଁ ।

ଏହି ନିୟମରେ ଗମ୍ଭୀର ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଗମ୍ଭୀରଙ୍କ ବ୍ୟକ୍ତିଗତ ସହାୟକ ସବୁବେଳେ ତାଙ୍କ ପାଖେପାଖେ ରହୁଥିଲେ । ବର୍ଡର-ଗାଭାସ୍କର ଟ୍ରଫି ଠାରୁ ସେ ଗମ୍ଭୀରଙ୍କ ପାଖରେ ରହୁଥିବା ଫଟୋ ବି ସାମ୍ନାକୁ ଆସିଥିଲେ । କିନ୍ତୁ ଏହାକୁ ବିସିସିଆଇ ନାପସନ୍ଦ କରିଥିଲା । ଚାମ୍ପିୟନ୍ସ ଟ୍ରଫି ବେଳେ ଯେମିତି ଏହି ଘଟଣାର ପୁନରାବୃତ୍ତି ନ ହେବ, ତାକୁ ବିସିସିଆଇ ନିଶ୍ଚିତ କରିବାକୁ ଚାହୁଁଛନ୍ତି । ଏବେ ଗମ୍ଭୀରଙ୍କ ପିଏ ଖେଳାଳି ଓ ସପୋର୍ଟ ଷ୍ଟାଫ ରହୁଥିବା ହୋଟଲରେ ରହୁନାହାନ୍ତି । ତାଙ୍କୁ ଅଲଗା ରହିବାକୁ ପଡୁଛି ।



ରିପୋର୍ଟରେ କୁହାଯାଇଛି ଯେ ଜଣେ କୋଚିଂ ଷ୍ଟାଫ ସଦସ୍ୟଙ୍କ ବ୍ୟକ୍ତିଗତ କର୍ମଚାରୀ ପୂର୍ବରୁ ଖେଳାଳିମାନେ ରହୁଥିବା ହୋଟେଲରେ ରହୁଥିଲେ । କିନ୍ତୁ ଏବେ ତାଙ୍କୁ ଅଲଗା ସ୍ଥାନରେ ରହିବାକୁ ପଡୁଛି । ଅବଶ୍ୟ ତାଙ୍କୁ ନିକଟରେ ଶେଷ ହୋଇଥିବା ଭାରତ ବନାମ ଇଂଲଣ୍ଡ ସିରିଜର ସବୁ ଭେନ୍ୟୁରେ ଦେଖିବାକୁ ମିଳିଥିଲା । ହେଲେ ସେ ଆଉ ଦଳ ରହୁଥିବା ହୋଟେଲରେ ରହିବାକୁ ଅନୁମତି ପାଉନାହାନ୍ତି ।

ଅଷ୍ଟ୍ରେଲିଆ ଟୁର ସମୟରେ ଗମ୍ଭୀର ଏକମାତ୍ର କୋଚିଂ ଷ୍ଟାଫ ଥିଲେ ଯାହାଙ୍କ ସହ ବ୍ୟକ୍ତଗତ କର୍ମଚାରୀ ରହିଥିଲେ । ଏବେ କିନ୍ତୁ ଆଉ ତାଙ୍କୁ ସମାନ ସେଟ୍‌ଅପ୍ ମିଳିବ ନାହିଁ । କାରଣ ବିସିସିଆଇ ବିଧିବଦ୍ଧ ଭାବେ ନୂଆ ନିୟମ ଲାଗୁ କରି ସାରିଛି ।

ବର୍ଡର-ଗାଭାସ୍କର ଟ୍ରଫି ପରେ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ବିରକ୍ତ ହୋଇ କହିଥିଲେ ଯେ "ଜାତୀୟ ଚୟନକର୍ତ୍ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ ଥିବା କାରରେ ତାଙ୍କ(ଗମ୍ଭୀର) ପିଏ କାହିଁକି ବସିଥିଲେ ? ଅଜଣା ତୃତୀୟ ବ୍ୟକ୍ତିଙ୍କ ପାଇଁ ସେମାନେ ଗୁପ୍ତ ଭାବେ କିଛି ଆଲୋଚନା ମଧ କରିପାରୁ ନାହାନ୍ତି । କାହିଁକି ଆଡିଲେଡ୍‌ରେ ତାଙ୍କୁ ବିସିସିଆଇ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ବକ୍ସକୁ ଯିବା ପାଇଁ ଅନୁମତି ମିଳିଥିଲା ? ଏସବୁ ବନ୍ଦ ହେବା ଦରକାର ।"

ଅଷ୍ଟ୍ରେଲିଆ ଟୁର୍ ପରେ ବିସିସିଆଇ ଟିମର ପରିଚାଳନା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ନିଷ୍ପତ୍ତି ନେଇଥିଲା । ଏଥିପାଇଁ ବୋର୍ଡ ପକ୍ଷରୁ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ଜାରି କରାଯାଇଛି । ନିର୍ଦ୍ଦେଶ ଅନୁସାରେ ଚାମ୍ପିୟନ୍ସ ଟ୍ରଫି ବେଳେ ଖେଳାଳିଙ୍କ ସହ ସେମାନଙ୍କ ପରିବାର ସଦସ୍ୟ, ପତ୍ନୀ କିମ୍ବା ପାର୍ଟନର ଗସ୍ତ କରିପାରିବେ ନାହିଁ । ଯଦି କେହି ପରିବାର ଲୋକଙ୍କୁ ନେବାକୁ ଚାହୁଁଛନ୍ତି, ତା'ହେଲେ ସେମାନେ ନିଜ ହାତରୁ ସମସ୍ତ ଖର୍ଚ୍ଚ କରିବେ । ଏଥିସହ ବିସିସିଆଇକୁ ମଧ ପୂର୍ବରୁ ଏନେଇ ଅବଗତ କରାଇବାକୁ ହେବ । ବୋର୍ଡ ପକ୍ଷରୁ ବ୍ୟକ୍ତିଗତ ରୋଷେଆ, ଚୁଟି କଟାଳୀ ଓ ଖେଳାଳିଙ୍କ ଏଜେଣ୍ଟ ମାନଙ୍କ ଉପରେ ମଧ ରୋକ୍ ଲଗାଯାଇଛି ।

## କ୍ରିକେଟ ପରେ ବ୍ୟବସାୟରେ ପ୍ରବେଶ କଲେ ଯୁବରାଜ

**ମୁମ୍ବାଇ**

ଭାରତୀୟ ଟିମ୍‌ର ପୂର୍ବତନ ଅଲ୍‌ରାଉଣ୍ଡର ଯୁବରାଜ ସିଂହ । କ୍ରିକେଟ ଜଗତରେ ସେ ସିକ୍ସର କିଙ୍ଗ ଭାବେ ଜଣାଶୁଣା । କ୍ରିକେଟରୁ ସନ୍ନ୍ୟାସ ନେବା ପରେ ସେ ଏବେ ବ୍ୟବସାୟୀ ଭାବେ ମାର୍କେଟରେ ନିଜକୁ ପ୍ରସ୍ତୁତ କରୁଛନ୍ତି । ଯୁବିଙ୍କ ପାଖରେ ଏବେ ବଡ଼ବଡ଼ ବ୍ୟବସାୟୀ କମ୍ପାନୀଙ୍କ ଭିଡ଼ ଲାଗିଛି । ଯେଉଁଥିରୁ ସେ ଖୁବ୍ ପଇସା କମାଉଛନ୍ତି ।

ମିଡିଆ ରିପୋର୍ଟ ଅନୁସାରେ ଯୁବରାଜଙ୍କ ନେଟ୍‌ୱର୍ଥ ପାଖାପାଖି ୩୨୦ କୋଟି ଟଙ୍କା ଅଛି । ଯୁବିଙ୍କର ଅନେକ ଷ୍ଟାର୍ଟଅପ୍ ଆରମ୍ଭ କରି ସାରିଲେଣି । ଯେଉଁଥିରୁ ଜବରଦସ୍ତ ଅର୍ଥ ଉପାର୍ଜୁଛନ୍ତି । ତାଙ୍କର ବ୍ୟକ୍ତିଗତ ପ୍ରପର୍ଟି ପାଖାପାଖି ୫୦ କୋଟିରୁ ଅଧିକ । ଯୁବରାଜ ସିଂହଙ୍କ ପାଖରେ ମୁମ୍ବାଇରେ ଦୁଇଟି ଆଲିସାନ ଆପାର୍ଟମେଣ୍ଟ ଅଛି । ନିକଟରେ ଭାରତୀୟ କ୍ରିକେଟ ଟିମ୍ ପୂର୍ବ ଦିଗ୍ଗଜ ଅଲ୍‌ରାଉଣ୍ଡର ଯୁବରାଜ ସିଂହ ଅଲଟ୍ରା ପ୍ରିମିୟମ ସ୍ପିରିଟ୍ ବ୍ରାଣ୍ଡ ଫିନୋ ଟକିଲା ଲଞ୍ଚ କରିଛନ୍ତି । ମାନେ ଏଣିକି ସେ ମଦ ବ୍ୟବସାୟରେ ନିବେଶ କରିବେ । ଯଦିଓ ଯୁବରାଜ ଅନେକ ବ୍ୟବସାୟୀଙ୍କ ସହ ମିଶି ଆମେରିକା ମାର୍କେଟରେ ଲଞ୍ଚ କରିଛନ୍ତି । ଯୁବି ଖୁବ୍ ଶୀଘ୍ର ଏହାକୁ ଭାରତରେ ଲଞ୍ଚ କରିବେ । ଏଥିପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ ଚାଲିଛି । ଯୁବି ଏହି ବ୍ରାଣ୍ଡକୁ ଆମେରିକାର ଶିକାଗୋରେ ଆୟୋଜିତ ଗୋଟିଏ ଇଭେଣ୍ଟରେ ଲଞ୍ଚ କରିଥିଲେ । ୨୦୨୫ ଏପ୍ରିଲ୍ ଭିତରେ ଏହି ବ୍ୟବସାୟକୁ ଯୁବି ଭାରତ ଆଣିବାର ବହୁତ ସମ୍ଭାବନା ରହିଛି ।

# ଶିଖର ଧାୱନଙ୍କୁ ବଡ଼ ଦାୟିତ୍ୱ ଦେଲା ଆଇସିସି

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଚାରି ଜଣ କ୍ରିକେଟରଙ୍କୁ ବ୍ରାଣ୍ଡ ଆମ୍ବାସାଡରଙ୍କୁ ନିଯୁକ୍ତ କରିଛି । ଏଥିରେ ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନଙ୍କ ନାମ ମଧ ସାମିଲ ହୋଇଛି । ଫେବୃୟାରୀ ୧୯ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ପାଇଁ ଶିଖର ଧାୱନ (ଭାରତ), ସରଫରାଜ ଅହମ୍ମଦ (ପାକିସ୍ତାନ), ଶେନ ୱାଟସନ (ଅଷ୍ଟ୍ରେଲିଆ) ଏବଂ ଟିମ୍ ସାଉଦି (ନ୍ୟୁଜିଲାଣ୍ଡ)ଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରାଯାଇଛି । ସର୍ଫରାଜ ଅହମ୍ମଦଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୨୦୧୭ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଥିଲା । ଏହି ଚାରି ଜଣ ବ୍ରାଣ୍ଡ ଆମ୍ବାସାଡର ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ ସ୍ତମ୍ଭ ଲେଖିବେ ଏବଂ ମ୍ୟାଚ୍ ଦେଖିବାକୁ ଆସି ସେମାନଙ୍କର ମତାମତ ରଖିବେ ।

ଚାମ୍ପିଅନ୍ସ ଟ୍ରଫିର ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରାଯିବା ପରେ ନିଜର ଖୁସି ପ୍ରକାଶ କରି ଶିଖର ଧାୱନ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫିର ଏକ ଅଂଶ ହେବା ନିଜ ପାଇଁ ବହୁତ ସ୍ୱତନ୍ତ୍ର । ଆଗାମୀ ଟୁର୍ଣ୍ଣାମେଣ୍ଟରେ ବ୍ରାଣ୍ଡ ଆମ୍ବାସାଡର ଭାବରେ ଯୋଗଦେବା ଏକ ସମ୍ମାନର କଥା ।



ଶିଖର ଧାୱନ ତାଙ୍କ କ୍ୟାରିୟରରେ ମୋଟ ଦୁଇଥର ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିଥିଲେ । ୨୦୧୩ ଏବଂ ୨୦୧୭ ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖେଳି ସେ ମୋଟ ୧୦ଟି ମ୍ୟାଚ ଖେଳିଥିଲେ, ଯେଉଁଥିରେ ସେ ୭୦୧ ରନ କରିଥିଲେ । ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ କରିବାର ରେକର୍ଡ ଏବେ ବି ଧାୱନଙ୍କ ନାମରେ ରହିଛି । ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ, ସେ ୩ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଧାୱନ ୨୦୧୩ ସଂସ୍କରଣରେ ମୋଟ ୩୬୩ ରନ କରିଥିଲେ, ଯାହା ପାଇଁ ତାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ମଧ ଘୋଷଣା କରାଯାଇଥିଲା । ୨୦୧୭ ଚାମ୍ପିଅନ୍ସ ଟ୍ରଫିରେ ତାଙ୍କ ବ୍ୟାଟ ୩୩୮ ରନ କରିଥିଲା ।

ସର୍ଫରାଜ ଅହମ୍ମଦ ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନକୁ ଚାମ୍ପିଅନ କରିଥିଲେ । ୨୦୧୭ ଚାମ୍ପିଅନ୍ସ ଟ୍ରଫି, ଯେଉଁଥିରେ ପାକିସ୍ତାନ ଦଳକୁ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ସହିତ ଗ୍ରୁପ ବିରେ ରଖାଯାଇଥିଲା । ଗ୍ରୁପ ପର୍ଯ୍ୟାୟରେ ତିନୋଟି ମ୍ୟାଚରୁ ଦୁଇଟି ଜିତି ପାକିସ୍ତାନ ସେମିଫାଇନାଲରେ ପହଞ୍ଚିଥିଲା । ଏହି ସମୟରେ, ଭାରତ ଏବଂ ପାକିସ୍ତାନ ସେମାନଙ୍କର ସେମିଫାଇନାଲ ମ୍ୟାଚ୍ ଜିତି ଟାଇଟଲ ମୁକାବିଲାରେ ପ୍ରବେଶ କରିଥିଲା । ଫାଇନାଲରେ ପ୍ରଥମେ ବ୍ୟାଟିଂ କରି, ସରଫରାଜ ଅହମ୍ମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ୩୩୮ ରନର ବିଶାଳ ସ୍କୋର କରିଥିଲା; ଜବାବରେ, ଟିମ୍ ଇଣ୍ଡିଆ ମାତ୍ର ୧୫୮ ରନରେ ଅଲଆଉଟ୍ ହୋଇଯାଇଥିଲା । ସେହି ମ୍ୟାଚ୍‌ରେ ଭାରତକୁ ୧୮୦ ରନ୍‌ର ଲଜ୍ଜାଜନକ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ।

## ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ସେମିରେ ବିଜୟନଗରମ୍ ୱାରିଅର୍ସ ଭାଇଜାକ୍

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ହେଉଛି । ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ସ୍ପୋର୍ଟିଂ ୟୁନିଅନ ଝାଡ଼ଖଣ୍ଡ ସହିତ ବିଜୟନଗରମ ୱାରିଅର୍ସ ଭାଇଜାକ୍ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇ ବିଜୟନଗରମ ୱାରିଅର୍ସ ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି । ବିଜୟନଗରମ ୱାରିଅର୍ସ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ହରାଇ ୩୭୯ ରନ ସଂଗ୍ରହ କରିଥିଲା । ଦଳପକ୍ଷରୁ ବି. ସାତଭିକ ୫୩ ବଲ୍‌ରେ ୧୨ ଚୌକା ଓ ୧୨ ଛକା ସାହାଯ୍ୟରେ ୧୨୮ ରନ, ପ୍ରଶାନ୍ତ ଅଲ୍ଲୁ ୪୧ ବଲ୍‌ରେ ୮ ଚୌକା ଓ ୮ ଛକା ସାହାଯ୍ୟରେ ୯୧ ରନ, ଆଖିର ଚୌହାନ ୩୪ ବଲ ରେ ୭ ଚୌକା ୯ ଛକାରେ ୯୦ ରନ କରିଥିଲେ । ପ୍ରତିପକ୍ଷ ବୋଲର ଅଙ୍କିତ ରାଣା ୫ ଓଭର ୬୫ ରନ ଦେଇ ୨ ଉଇକେଟ, ସୋଉରେନ ଚିତ୍ତରଞ୍ଜନ ୫ ଓଭରରେ ୮୧ ରନ ଦେଇ ୨ ଉଇକେଟ, ରାଜକମଲ୍ ଗିରି ୫ ଓଭର ୪୧ ରନ ୧ ଉଇକେଟ ନେଇଥିଲେ । ଜବାବରେ ସ୍ପୋର୍ଟିଙ୍ଗ ୟୁନିଅନ ୨୫ ଓଭରରେ ୯ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ପରାଜୟ ହୋଇଥିଲା । ଦଳ ପକ୍ଷରୁ ଅନସାରୀ ମୁନା ୨୯ ବଲରେ ୬ ଚୌକା ସାହାଯ୍ୟରେ ୩୩ ରନ, ସୁମନ ମଲିକ ୨୬ ବଲ୍‌ରେ ୫ ଚୌକା ୧ ଛକା ସାହାଯ୍ୟରେ ୩୦ ରନ କରିଥିଲେ । ପ୍ରତିପକ୍ଷ ଦଳର ବୋଲର ହର୍ଷ କୁର୍ମେତି ୪ ଓଭର ବୋଲିଙ୍ଗ କରି ୧ ମେଡେନ୍ ଓଭର ସହ ୨୨ ରନ ଦେଇ ୩ ଉଇକେଟ, ବି ସାତଭିକ୍ ୫ ଓଭର ୨୫ ରନ ଦେଇ ୨ ଉଇକେଟ, ସୁବୋଧ କୁମାର୍ ୫ ଓଭର ୨ ମେଡେନ ୧୩ ରନ ଦେଇ ୨ ଉଇକେଟ ନେଇ ଥିଲେ । ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ରଂଜନ ମହାନ୍ତି ଖେଳ ପରିଚାଳନା କରିଥିଲେ । ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ଅନଲାଇନ୍‌ରେ ବଳରାମ ସାହୁ ସ୍କୋରର ଥିଲେ । ଜ୍ଞାନରଞ୍ଜନ ଘଡ଼େଇ ଓ ବୁବୁ ସିନ୍ହା ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିଜୟନଗରମ ୱାରିଅର୍ସର ବି. ସାତ୍‌ଭିକଙ୍କୁ ପୁରସ୍କୃତ କରାଯାଇ ଥିଲା । ବୁଧବାର ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ବିଜୟନଗରମ ୱାରିଅର୍ସ ଭାଇଯାକ୍ ସହିତ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ।



# ୩୮ତମ ଜାତୀୟ କ୍ରୀଡ଼ାରୁ ୧୪ ସ୍ୱର୍ଣ୍ଣ ସମେତ ୪୬ଟି ପଦକ ଆଣିଲେ ଓଡ଼ିଆ ଖେଳାଳି

**ଭୁବନେଶ୍ୱର**

ଉତ୍ତରାଖଣ୍ଡରେ ଆୟୋଜିତ ହୋଇଥିବା ୩୮ତମ ଜାତୀୟ କ୍ରୀଡ଼ାରୁ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ୪୬ଟି ପଦକ ହାସଲ କରିଛନ୍ତି । ଏଥିମଧ୍ୟରୁ ୧୪ଟି ସ୍ୱର୍ଣ୍ଣ ପଦକ, ୧୫ଟି ରୌପ୍ୟ ପଦକ ଏବଂ ୧୭ଟି କାଂସ୍ୟ ପଦକ ରହିଛି । ନ୍ୟାସନାଲ ଗେମ୍‌ସରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ୧୨ତମ ସ୍ଥାନ ହାସଲ କରିଛି । ଏଥିସହ ଓଡ଼ିଶା ଟପ୍ ୧୫ରେ ମଧ ସ୍ଥାନ ପାଇଛି ।

ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ପାଇଁ ୬ଲକ୍ଷ, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଓ କାଂସ୍ୟ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ୩୮ତମ ନ୍ୟାସନାଲ ଗେମ୍ସରେ କ୍ରୀଡ଼ାବିତ୍‌ମାନଙ୍କ ଉଲ୍ଲେଖନୀୟ ସଫଳତା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଚଳିତ ବର୍ଷ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଟପ୍ ୧୫ରେ ସ୍ଥାନ ପାଇଛି । ଓଡ଼ିଶାକୁ ଏଥର ସର୍ବମୋଟ ୪୬ଟି ପଦକ ଏବଂ ୧୪ଟି ସ୍ୱର୍ଣ୍ଣ ପଦକ ମିଳିଛି । ମୁଁ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏଥିସହ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ସରକାରଙ୍କ ତରଫରୁ ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ମଧ ନିଷ୍ପତ୍ତି ହୋଇଛି । ଆମ କ୍ରୀଡ଼ାବିତ୍‌ମାନେ ହେଲେ ଆମ ଗର୍ବ ଓ ଗୌରବ । ନ୍ୟାସନାଲ ଗେମ୍ସରେ ଉଲ୍ଲେଖନୀୟ ସଫଳତା ପାଇଁ ଆମେ ସମସ୍ତେ ଆଜି ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।



ସୂଚନାଯୋଗ୍ୟ ଯେ, ୩୮ତମ ନ୍ୟାସନାଲ ଗେମ୍ସରେ ଓଡ଼ିଶାରୁ ୩୦୨ଜଣ ଆଥଲିଟ୍ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଯୋଗ ଦେଇଥିଲେ । ଓଡ଼ିଶାର ଧାବକ ଅନିମେଷ କୁଜୁରଙ୍କୁ ୩ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ରାକେଶ ପାତ୍ରଙ୍କୁ ୨ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ପ୍ରଣତୀ ନାୟକଙ୍କୁ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୨ଟି କାଂସ୍ୟ, ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି । ଏଥିସହ ବିଭିନ୍ନ ବର୍ଗରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ନୂତନ ନ୍ୟାସନାଲ ଗେମ୍ସ ରେକର୍ଡ ମଧ ସୃଷ୍ଟି କରିଛନ୍ତି ।

# 'ପରୀକ୍ଷା ପେ ଚର୍ଚ୍ଚା'ର ଭିତ୍ତି ଓ ଭୂମିକା



ଡକ୍ଟର ରମେଶ ପାଣି

ପ୍ରତ୍ୟେକ ରାଷ୍ଟ୍ରର ମାନବ ସମ୍ବଳ ବିକାଶର ମୂଳ ଭିତ୍ତି ହେଲା ଶିକ୍ଷା । ଗୋଟିଏ ଜାତିର ସାମାଜିକ ଓ ସାଂସ୍କୃତିକ ବିକାଶ ସହିତ ମାନବର ସମସ୍ତ ପ୍ରଗତିର ଭିତ୍ତିଭୂମି ଶିକ୍ଷାକୁ ନେଇ ସୁଦୃଢ଼ ହୋଇଥାଏ । ଶିକ୍ଷା ଉନ୍ନତି ପାଇଁ ଏକ ଶିଡି ସଦୃଶ । ତେଣୁ ମାନବ ସମ୍ବଳ ବିକାଶରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ପ୍ରାପ୍ତି ପରେ ଶିକ୍ଷା ଜାତୀୟ ଉନ୍ନୟନ ଯୋଜନାର ଏକ ପ୍ରମୁଖ ଅଙ୍ଗ ରୂପେ ପ୍ରାଧାନ୍ୟ ଲାଭ କରିଛି ଏବଂ ଆବଶ୍ୟକତା ଓ ସମୟର ଆହ୍ୱାନ ନେଇ ବିଭିନ୍ନ ସମୟରେ ପ୍ରବର୍ତ୍ତିତ ଶିକ୍ଷାନୀତି ଗୁଡିକର ପରିବର୍ତ୍ତନ କରାଯାଇଛି । କାରଣ ଭାରତର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ କୋଠାରୀ କମିଶନ ତାଙ୍କ ଉପକ୍ରମଣିକାରେ କହିଛନ୍ତି ।

ଶ୍ରେଣୀ ଗୃହରେ ହିଁ ଭାରତର ଭାଗ୍ୟ ନିର୍ଣ୍ଣୟ ହେଉଅଛି । ଆଜି ଏହା ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଆଜି ଭାରତର ଭାଗ୍ୟ ନିର୍ଣ୍ଣୟ କରୁଥିବା ବିଦ୍ୟାର୍ଥୀ, ଛାତ୍ରଛାତ୍ରୀ ମାନଙ୍କୁ ଏକ ବୃହତ୍ତର ଜୀବନବୋଧର ଉପଲବ୍ଧି ସହିତ ନିଜର ପ୍ରତିଭା, ସାମର୍ଥ୍ୟକୁ ଆଖିରେ ରଖି ଏକ ଚାପମୁକ୍ତ ପରୀକ୍ଷା ସମ୍ପର୍କରେ ଯେଉଁ କ୍ରମାଗତ ବାର୍ତ୍ତାଳାପର ଧାରା ଜାରି ରଖିଛନ୍ତି । ସମାଜର ସବୁ ବର୍ଗର ମୁକ୍ତଚିନ୍ତନ ଆଉ କେବଳ ମାର୍ଗଟିଏ ଉନ୍ମୋଚିତ କରୁନାହିଁ ବରଂ ଏକ ଜୀବନ ସଂଗ୍ରାମରେ ସଫଳତା ପାଇଁ ମଣିଷକୁ ବିଭିନ୍ନ କ୍ଷେତ୍ରରେ ଯେଉଁ ବାରମ୍ବାର ପରୀକ୍ଷା ଦେବାକୁ ହୋଇଥାଏ, ପର ରହସ୍ୟକୁ ଉନ୍ମୋଚନ କରାଇଛନ୍ତି ଜୀବନର ପରୀକ୍ଷା ଏକ ସ୍ୱାଭାବିକ ଧର୍ମ । ସେହିପରି ଶିକ୍ଷା କ୍ଷେତ୍ରରେ ପରୀକ୍ଷା ସ୍ୱାଭାବିକ କର୍ମ । ତେଣୁ ପରୀକ୍ଷାକୁ ଯଥା ସମ୍ଭବ ଉତ୍ସବମୟ ଭାବେ ବିବେଚିତ କରିବାକୁ ସେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ପରୀକ୍ଷାର ମୂଳ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କର ମେଧାଶକ୍ତି ମୂଲ୍ୟାୟନ କରି ପରବର୍ତ୍ତୀ ଅଧ୍ୟୟନ ପାଇଁ ସେ ତା'ର ଯୋଗ୍ୟତା ପ୍ରତିପାଦନ କରିଥାଏ । କିନ୍ତୁ ଏହି ପରୀକ୍ଷାର କଠୋର ନିୟମ ଭିତରେ ତାର ଇଚ୍ଛାଶକ୍ତି ତା'ର ପ୍ରବୃତ୍ତିଗତ ପ୍ରତିଭା ତଥା ବିକଳ୍ପ ଚୟନ ପାଇଁ ଯେଉଁ ମୁକ୍ତ ବାତାବରଣ ଅଥବା ବ୍ୟବସ୍ଥା ପାଇଁ ତା ପାଇଁ ସୁଯୋଗ ନଥାଏ ତେଣୁ ସେ ଗଭୀର ମାନସିକ ଚାପରେ ପରୀକ୍ଷାକୁ ଗ୍ରହଣ କରିଥାଏ । ଏକ ଚାପଗ୍ରସ୍ତ ଭାବରେ ସେ ଯନ୍ତ୍ରବତ ପରୀକ୍ଷା ଦେଉଥିବାବେଳେ ଯେଉଁ ଅସୁରକ୍ଷିତ ସଫଳତା ପାଇଁ ଆତଙ୍କିତ ଥାଏ । ପରୀକ୍ଷା ସମ୍ପର୍କିତ ଏହିପରି ଅନେକ ଉଦାହରଣ ନେଇ ପରୀକ୍ଷାର ଗତାନୁଗତିକ ହାୱା ତଥା ପ୍ରଣାଳୀର ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଜଣାଇଛନ୍ତି । ଯେଉଁଠି ବିଦ୍ୟାର୍ଥୀଟିଏ ଅସୁରକ୍ଷିତ ବିକଳ୍ପହୀନ, ଶଙ୍କାଗ୍ରସ୍ତ ଭାବେ ପରୀକ୍ଷାକୁ ଶିକ୍ଷାର ସଂକଟ ଭାବେ ନ ଦେଖୁ ପରନ୍ତୁ ତା ଜ୍ଞାନର ପରିଧିର ବ୍ୟାପକତାରେ ତା'ର ସୃଜନଶୀଳତା, ଚିନ୍ତନଶକ୍ତିର ପରିଚୟ ନେଇ ପରୀକ୍ଷାକୁ ସାମ୍ନା କରୁ । ଗୋଟିଏ ଉତ୍ସବ ଭଳି ପରୀକ୍ଷାକୁ ସ୍ୱାଗତ କରୁ । ଅପେକ୍ଷା କରୁ ବାରମ୍ବାର ପରୀକ୍ଷାର ଆଗମନକୁ । ଅସାଧୁ ଉପାୟ ନୁହେଁ କିମ୍ବା ଭାଗ୍ୟବାଦୀ ଭାବେ ନୁହେଁ, କର୍ମବାଦୀ ଭାବେ ନିଜର କଠିନ ପରିଶ୍ରମର ପରାକାଷ୍ଠାକୁ ଉଦ୍‌ଭାଷିତ କରିବାକୁ ସଂକଳ୍ପ ନେଇ ନିଜକୁ ପ୍ରସ୍ତୁତ କରୁ ପ୍ରତିଟି ପରୀକ୍ଷାକୁ ଏକ ନୂତନ ସମ୍ଭାବନାମୟ ଦିଗବଳୟରୁ ଅନ୍ୟ ଏକ ଦିଗବଳୟର ଆବିଷ୍କାର ମନସ୍ଥ ହୋଇ ।

ଏଥିପାଇଁ ଶ୍ରେଣୀ ଗୃହ କେବଳ ନୁହେଁ କିମ୍ବା ଗୋଟିଏ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବି ନିର୍ଦ୍ଦିଷ୍ଟ ନୁହେଁ । ଶିକ୍ଷା ଯେପରି ସର୍ବଗ୍ରାହ୍ୟ ପରୀକ୍ଷା ସେହିପରି ମୁକ୍ତ, ଅବାଧ ଏବଂ ଛାତ୍ରଛାତ୍ରୀଙ୍କ ପରିବେଶ ଓ ପରିସ୍ଥିତି ଅଭିମୁଖୀ ହେବା ବାଞ୍ଛନୀୟ । ତେଣୁ ଗୋଟିଏ ଶିକ୍ଷାନୀତି ଭିତରେ ଛାତ୍ରଛାତ୍ରୀ ସହିତ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସ୍ଥାଗତ ପରିଚାଳକମାନଙ୍କ ମାନସିକ ପରବର୍ତ୍ତନ ସହିତ ଏକ ଆଚରଣସିଦ୍ଧ ବିଶ୍ୱଦୃଷ୍ଟି ଆବଶ୍ୟକ । ପରୀକ୍ଷାର୍ଥୀର ମୌଳିକ ଜ୍ଞାନ, ପାଣ୍ଡିତ୍ୟ ଅପେକ୍ଷା ତା'ର ଜୀବନଦର୍ଶନର ମୌଳିକ ଉତ୍ସ ଗୁଡ଼ିକୁ ଉଦ୍‌ଘାଟନ କରି ତାକୁ ପରୀକ୍ଷାୟିତ କରାଗଲେ ପରୀକ୍ଷା ଆତଙ୍କର କାରଣ ନହୋଇ ଉତ୍ସବର ଉପାଦାନ ଭାବେ ଗୃହୀତ ହେବ ।

ପ୍ରାଚୀନ ଭାରତରେ ସା ବିଦ୍ୟା ଯା ବିମୁକ୍ତୟେ ଆଦର୍ଶରେ ଶିକ୍ଷାନୀତି ପ୍ରଚଳିତ ଥିଲା । ମୁକ୍ତ ପରିବେଶ, ତପୋବନ, ଆଶ୍ରମ ଥିଲା ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର, ଥିଲା ଆଚାର୍ଯ୍ୟମାନଙ୍କ ଦ୍ୱାରା ବିଦ୍ୟାର୍ଥୀମାନଙ୍କ ପ୍ରତ୍ୟକ୍ଷ ଜୀବନ ପ୍ରତ୍ୟୟର ଆତ୍ମବିଶ୍ଳେଷଣର ପ୍ରଶିକ୍ଷଣ ସିଦ୍ଧ ପ୍ରଦର୍ଶନ ଥିଲା ପରୀକ୍ଷା । ପ୍ରତ୍ୟେକ ବିଦ୍ୟାର୍ଥୀ ଗୁରୁଙ୍କ ଏ ପରୀକ୍ଷା ପାଇଁ ଏକ ଆତୁର ଅପେକ୍ଷା ଥିଲା । ସଂପ୍ରତି ଆମ ଦେଶର ସେହି ଅତୀତ ଭାବକେନ୍ଦ୍ରର ନବୀକରଣର ସମୟ ଆସିଛି । ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚାର ଭିତ୍ତି ଓ ଭୂମିକାକୁ ଅନୁଭବ କରିବାକୁ ଏ ହୁଏତ ଏକ ଛୋଟ ପ୍ରୟାସଟିଏ ବୋଲି ଧରାଯାଇପାରେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଫେବୃୟାରୀ ୨୦୨୫ ଶନିବାର





## କଟକରେ ଡବଲ ମର୍ଡର ମାମଲା

# ଅଭିଯୁକ୍ତ ୫ ବର୍ଷ ପରେ ଗିରଫ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକର ବେଲେଶ୍ୱରରେ ୨୦୧୯ ଡିସେମ୍ବରରେ ହୋଇଥିବା ଡବଲ ମର୍ଡର ମାମଲାରେ କମିସନରେଟ୍ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ସନ୍ତୋଷ ସିହ୍ନା । ଭୁବନେଶ୍ୱର-କଟକ ପୁଲିସ କମିସନରେ ସୁରେଶ ଦେବଦତ୍ତ ସିଂ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଡିସିପି ଅଫିସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନରେ ଶ୍ରୀ ସିଂ କହିଛନ୍ତି ୨୦୧୯ରେ ବଲେଶ୍ୱରରେ ଶ୍ରୀନାଥ ସାମଲ ଓ ତାଙ୍କ ପତ୍ନୀ ବିଦ୍ୟୁଲତାଙ୍କୁ ବୀଭତ୍ସ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛି ସନ୍ତୋଷ ସିହ୍ନା । ଶ୍ରୀନାଥଙ୍କ ଘରେ ପଶି ଅଭିଯୁକ୍ତ ଦମ୍ପତିଙ୍କୁ ଅତି ବୀଭତ୍ସା ଭାବେ ହତ୍ୟା କରିଥିଲା । ଏହା ପୂର୍ବରୁ ଅଭିଯୁକ୍ତ ବିସ୍ତୃତ ଯୋଜନା କରିଥିଲା । ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ । ଏହି ଘଟଣାରେ ୩ରୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା ।

ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ । ଏହି ଘଟଣାରେ ୩ରୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା । ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ବିଭିନ୍ନ ଚର୍ଚ୍ଚା ସାମନାକୁ ଆସୁଥିବା ବେଳେ ବ୍ରହ୍ମପୁରର ଏକ ଭଡ଼ାଟିଆ ଦମ୍ପତିଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା । ପୁଲିସ ପ୍ରାୟ ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ବି କରିଥିଲା । ତିନିଘରିଆ ଅଞ୍ଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବି ପୁଲିସର ଜେରାର ସାମ୍ନା କରିଥିଲା ।

## ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଟ୍ରେନ୍ ଚଳାଚଳ ବନ୍ଦ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ରାଜସ୍ୱ ଆଦାୟ କ୍ଷେତ୍ରରେ ବ୍ରହ୍ମପୁର ଆଗରେ ରହିଥିବା ବେଳେ ଭିତ୍ତିଭୂମି ସାଙ୍ଗକୁ ରେଳସେବା କ୍ଷେତ୍ରରେ ପଛୁଆ ରହୁଛି । ଗତ ବଜେଟ୍‌ରେ ବ୍ରହ୍ମପୁର ରେଳଷ୍ଟେସନକୁ ଅଣଦେଖା କରାଯାଇଥିବା ଯୋଗୁଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ସମେତ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏଭଳି କ୍ଷେତ୍ରରେ ବ୍ରହ୍ମପୁର-ଭୁବନେଶ୍ୱର ମଧ୍ୟରେ ଯାତାୟାତ କରୁଥିବା ମେମୁ ଟ୍ରେନ୍‌ଟି ପ୍ରାୟ ଏକ ମାସ ଧରି ବନ୍ଦ ରହିଥିବା ଯୋଗୁଁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜାନୁଆରୀ ୧୪ ତାରିଖ ଠାରୁ ମେମୁ ଟ୍ରେନ୍ ଚଳାଚଳ ବନ୍ଦ ରହିଥିବା ସୂଚନା ମିଳିଛି । ମେମୁ ଟ୍ରେନ୍‌ଟି ଅପରାହ୍ନ ସାଢ଼େ ୩ଟାରୁ ବ୍ରହ୍ମପୁର ଷ୍ଟେସନରୁ ବାହାରି ରାତି ସାଢ଼େ ୭ଟା ବେଳେ ଭୁବନେଶ୍ୱର ପହଞ୍ଚୁଥିଲା । ସେଭଳି ଅନ୍ୟ ଏକ ଟ୍ରେନ୍ ଭୁବନେଶ୍ୱର-ବ୍ରହ୍ମପୁର ମେମୁ ଟ୍ରେନ ପୂର୍ବାହ୍ନ ୧୦.୧୦ ରୁ ବାହାରି ବ୍ରହ୍ମପୁରରେ ୧.୪୦ରେ ପହଞ୍ଚୁଥିଲା । ମେମୁ ଟ୍ରେନ୍‌ରେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାତ୍ରା ପାଇଁ ମାତ୍ର ୩୫ ଟଙ୍କା ଟିକେଟ୍ ମୂଲ୍ୟ ରହିଥିଲା । ସ୍ୱଳ୍ପମୂଲ୍ୟରେ ଭୁବନେଶ୍ୱର ଯାତ୍ରା କରିବା ପାଇଁ ସୁବିଧା ରହିଥିବାରୁ ଏହି ଟ୍ରେନ୍ ସର୍ବଦା ଭିଡ଼ ରହୁଥିଲା । ମିଳିଥିବା ସୂଚନା ଅନୁଯାୟୀ ପ୍ରତିଦିନ ବ୍ରହ୍ମପୁର ଷ୍ଟେସନରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୁବନେଶ୍ୱର ଯାଉଥିଲେ । ମେମୁ ଟ୍ରେନ୍ ଚଳାଚଳର ବନ୍ଦ ହେବାର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ରେଳ କର୍ତ୍ତୃପକ୍ଷ ମହାକୁମ୍ଭ ଯୋଗୁଁ ଏହାକୁ ବାତିଲ କରାଯାଇଥିବା କହୁଛନ୍ତି । ମେମୁ ଟ୍ରେନ୍ ବନ୍ଦ ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନ୍‌ଏସ୍‌ଜି-୨ର ମାନ୍ୟତା ପାଇବା ପରେ ମଧ୍ୟ ଓଡ଼ିଶାର ସର୍ବ ପୁରାତନ ରେଳଷ୍ଟେସନ୍ ବ୍ରହ୍ମପୁରକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟର ଯାତ୍ରୀ ଯାତାୟତ ପାଇଁ ବ୍ରହ୍ମପୁର ରେଳଷ୍ଟେସନ୍ ଉପରେ ନିର୍ଭର କରୁଛନ୍ତି । ନିକଟରେ ପ୍ରସ୍ତୁତ ହୋଇଥିବା ଡ଼ିପିଆର୍‌କୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅପରପକ୍ଷରେ ରେଳ ବିଭାଗ ଅଧିକାରୀଙ୍କ ଅବହେଳା କାରଣରୁ ସହାୟତା କେନ୍ଦ୍ରରେ ସୂଚନା ସଂଗ୍ରହ ପାଇଁ ପ୍ଲାଟଫର୍ମ ଟିକଟ କିଣିବାକୁ ପଡୁଛି । ପ୍ରକାଶଥାଉକି ଟ୍ରେନ୍ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବରୁ ଷ୍ଟେସନ୍‌ର ପ୍ରବେଶ ପଥ ପାର୍ଶ୍ୱରେ ସହାୟତା କେନ୍ଦ୍ର ରହିଛି । ତେବେ ମୁଖଶାଳା ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ଯୋଗୁଁ ଏହି କେନ୍ଦ୍ରକୁ ଯିବା ପାଇଁ ରାସ୍ତା ବନ୍ଦ ରହିଥିବା ଯୋଗୁଁ ଲୋକେ ସୂଚନା ପାଇଁ ୧୦ଟଙ୍କାର ପ୍ଲାଟଫର୍ମ ଟିକଟ କାଟି ଯିବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ରହ୍ମପୁର ଷ୍ଟେସନ୍‌ର ୪ନଂ ପ୍ଲାଟଫର୍ମରେ କିଛି ହାତଗଣତି ଟ୍ରେନ୍ ଚଳାଚଳକୁ ବାଦ୍ ଦେଲେ ନିୟମିତ ଟ୍ରେନ୍ ରହଣି ପାଇଁ ଅନୁମତି ଦିଆଯାଉନଥିବା ଯୋଗୁଁ ବ୍ୟବସାୟୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତେବେ ମେମୁ ଟ୍ରେନ୍ କେବେ ଠାରୁ ପୁନଃ ଚଳାଚଳ ଆରମ୍ଭ କରିବ ସେଥିନେଇ ବି ରେଳ ଅଧିକାରୀଙ୍କ ନିକଟରେ ସ୍ପଷ୍ଟ ସୂଚନା ନାହିଁ ।

## ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶ୍ରୀଧର ରାଉତ ବାର୍ଷିକ ମେଧାବୃତ୍ତି ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ଭିନ୍ନକ୍ଷମତା ସହିତ ଆର୍ଥିକ ଅନାଗ୍ରସରତା ସର୍ବଦା ଓତଃପ୍ରୋତ ଭାବେ ଜଡ଼ିତ ଥାଏ । ବିଶେଷ କରି ଯେଉଁ ଛାତ୍ରଛାତ୍ରୀମାନେ ଗୁରୁତର ଭିନ୍ନକ୍ଷମତା ସହ ନିମ୍ନ ଆର୍ଥିକ ବର୍ଗରୁ ଆସିଥାନ୍ତି, ସେମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ସମାପନର ଲକ୍ଷ୍ୟ ଦୁରୁହ ହୋଇ ପଡ଼ିଥାଏ । ଫଳରେ ସେମାନଙ୍କ ମଧ୍ୟରୁ ଅନେକ ଅଧାରୁ ପାଠ ବନ୍ଦ କରିବାକୁ ବାଧ୍ୟ ହୋଇଥାନ୍ତି । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ଏହିପରି ଗୁରୁତର ଭିନ୍ନକ୍ଷମ ଓ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଚୟନ କରାଯାଇଥିବା ଛଅଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାସ ପକ୍ଷରୁ ବାର୍ଷିକ ଶ୍ରୀଧର ରାଉତ ଭିନ୍ନକ୍ଷମ ମେଧାବୃତ୍ତି-୨୦୨୫ ପ୍ରଦାନ କରାଯାଇଛି । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ସମସ୍ତ ପ୍ରତିବନ୍ଧକତା ଅତିକ୍ରମ କରି ସଫଳତା ଦିଗରେ ଅଗ୍ରସର ହେବା ଉଚିତ ବୋଲି ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ପ୍ରଫେସର ଅଭୟ ବେହେରା, ସାହିତ୍ୟିକ ଓ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ଲେକା ଅନ୍ନପୂର୍ଣ୍ଣା ମହାନ୍ତି, ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅରବିନ୍ଦ ରାଉତରାୟ ଓ କେମ ସଭାପତି ଅକ୍ଷୟ ପାଣି ପ୍ରମୁଖ ଯୋଗଦେଇ ଏହା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେବା ସହ ଆର୍ଥିକ ଭାବେ ସହାୟତା କରିବ ବୋଲି ମତ ପ୍ରକାଶ କରିଥିଲେ । କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗୁରୁତର ଚଳନ ଶକ୍ତି ବାଧିତ ମେଧାବୀ ଛାତ୍ର ବିଶାଳ ରଞ୍ଜନ ସାହୁ, ବୌଦ୍ଧିକ ଅନଗ୍ରସର ଛାତ୍ର ଚିନ୍ମୟ କୁମାର ସେନାପତି ପ୍ରତ୍ୟେକଙ୍କୁ ପନ୍ଦର ହଜାର ଟଙ୍କା ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ଶତ ପ୍ରତିଶତ ଦୃଷ୍ଟି ବାଧିତ ଛାତ୍ରୀ ଲିସାରାଣୀ ପଲାଇ ଓ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଦୃଷ୍ଟି ବାଧିତ ଛାତ୍ର ଭୀଷ୍ମ କୁମାର ଦାସ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରିଥିଲେ । ପୁନର୍ବାସ ପକ୍ଷରୁ ସଭ୍ୟା ଅମରିନ ସାହଦତ, ସଂଜୀବ ଜେନା, ଜ୍ୟୋତିରଞ୍ଜନ ନାୟକ, ଶିବ ଚରଣ ସାମଲ, ମହମ୍ମଦ ଜାହିଦ ଖାନ, ମନୋଜ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିତ୍ୟକ୍ତ ସ୍ଥାନରୁ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କଲେ ମହିଳା

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟ ପରିତ୍ୟକ୍ତ ସ୍ଥାନରୁ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି । ଜଣେ ମହିଳା ଶିଶୁକନ୍ୟାକୁ ପାଇଥିଲେ । କେ. ସିରିଶା ନାମ୍ନୀ ମହିଳା ସେହି ଶିଶୁଟିକୁ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଲାଗି ଭର୍ତ୍ତିକରି ଶିଶୁଟିର ସୁରକ୍ଷା ଓ ଯତ୍ନ ପାଇଁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଚାଇଲ୍ଡ ହେଲ୍ପ ଲାଇନ ଓ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶରେ ଶିଶୁଟିର ଯତ୍ନ ନେଉଛନ୍ତି । ଶିଶୁଟି ଏବେ ସୁସ୍ଥ ଥିବା ଜଣାପଡ଼ିଛି । ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଜଣେ ଆୟା ଶିଶୁର ଯତ୍ନ ନେଉଛନ୍ତି । ଶିଶୁକନ୍ୟାଟି ସୁସ୍ଥ ହେବା ପରେ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ ଅନୁସାରେ ରାଣୀପେଣ୍ଠସ୍ଥିତ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ତାକୁ ରଖାଯିବ ।

## ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଓ କଳିଙ୍ଗ ହସ୍ପିଟାଲର ମିଳିତ ଉଦ୍ୟମରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ନିଗମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରରେ କଳିଙ୍ଗ ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ଯଥା ଡା ସୁକାନ୍ତ କୁମାର ପାଢୀ, ଡା କୁସୁମ ଦାଶ, ଡା ରଜନୀ ଦାସ ଏବଂ ଡା ପ୍ରଶାନ୍ତ ରାଉତଙ୍କ ଦ୍ୱାରା ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରକୁ ସୁପରିଚାଳନା ପାଇଁ ଚନ୍ଦ୍ର ଶେଖର ଜେନା, ସୁମିତ ଦାଶ, ଡିଏମଡି ଟିମ୍, ଆଇ ଟିମ୍, ନର୍ସିଂ ଷ୍ଟାଫ ଏବଂ ଇସିଜି ଟେକ୍ନିସିଆନମାନେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ମନୋରଂଜନ ମହାପାତ୍ର ବରିଷ୍ଠ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚୀବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଥିଲା ଏଥିରେ ଅବସର ନେଇଥିବା କର୍ମଚାରୀମାନେ ମଧ୍ୟ ଯୋଗଦେଇ ଚିକିତ୍ସା ସୁବିଧା ଗ୍ରହଣ କରିଥିଲେ । ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବାରୁ ଡାକ୍ତର ଏବଂ ସହକର୍ମୀମାନଙ୍କୁ ନିଗମ ତରଫରୁ ସୌମେନ୍ଦ୍ର ପ୍ରିୟଦର୍ଶୀ ସାଧୁବାଦ ଜଣାଇଛନ୍ତି । ନିକଟ ଭବିଷ୍ୟତରେ ଏଇଭଳି କିଛି ସଚେତନା କାର୍ଯ୍ୟକ୍ରମ କରାଯିବାପାଇଁ ମଧ୍ୟ ଯୋଜନା କରାଯାଇଥିବା ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମତାମତ ଦେଇଛନ୍ତି ।

## ବିଜେପିର କୋର କମିଟି ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଲେ ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ତରୁଣ ଚୁଗ । କୋର୍ କମିଟି ବୈଠକରେ ଯୋଗଦେବେ । ଏହାସହ କୋର୍ କମିଟି ବୈଠକରେ ଯୋଗ ଦେବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂହଦେଓ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଉପସଭାପତି ଗୋଲକ ମହାପାତ୍ର । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସାଂଗଠନିକ ସାଧାରଣ ସମ୍ପାଦକ ମାନସ ମହାନ୍ତି ଉପସ୍ଥିତ ଅଛନ୍ତି । କୋର୍ କମିଟି ବୈଠକରେ ଯୋଗ ଦେବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଫ୍-୩୫ ...

ସଂସ୍କରଣରେ ଅଂଶଗ୍ରହଣ କରିଥିଲା ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବିସ୍ତୃତ ଆଲୋଚନା କରିବା ପରେ କହିଛନ୍ତି ଯେ ବିଶ୍ୱର ସର୍ବପୁରାତନ ଏବଂ ସର୍ବବୃହତ ଗଣତନ୍ତ୍ର ମଧ୍ୟରେ ଏକ ବିଶେଷ ସମ୍ପର୍କ ରହିଛି ଏବଂ ଦୁଇ ପକ୍ଷ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଏବଂ ସଂଯୋଗ ଭଳି ବିବିଧ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହି ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗ ଏକ ଉନ୍ନତ ବିଶ୍ୱ ଗଠନ କରିପାରିବ ।

ପ୍ରଥମ ପାଳିରେ ଉଭୟ ରାଜନେତା ଯେଉଁ ଉତ୍ସାହ ଓ ଉଦ୍ଦୀପନା ଦେଖାଇଥିଲେ ତାହା ଆଜି ବି କାଏମ ରହିଥିବା ମୋଦି ଉଲ୍ଲେଖ କରିଥିଲେ । ପ୍ରଥମ ପାଳିରେ ପରିଲକ୍ଷିତ ହୋଇଥିବା ସଫଳତା ଉଭୟ ପକ୍ଷ ଭିତରେ ହୋଇଥିବା ଆଲୋଚନା ଓ ପାରସ୍ପରିକ ବୁଝାମଣା ଯୋଗୁଁ ସମ୍ଭବ ହୋଇପାରିଥିବା ମୋଦି କହିଥିଲେ । ଭାରତ ଓ ଆମେରିକା ଭିତରେ ରହିଥିବା ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟ ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିବାରେ ସଫଳ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

ରାଷ୍ଟ୍ରପତି ଟ୍ରମ୍ପଙ୍କ ମେକ ଆମେରିକା ଗ୍ରେଟ ଏଗେନ ବା 'ମାଗା' ଆହ୍ୱାନ ପରି ବିକଶିତ ଭାରତ-୨୦୪୭ ଆଡକୁ ସାରା ଭାରତ ଅଗ୍ରସର ହେଉଥିବା ମୋଦି କହିଥିଲେ । ବିକଶିତ ଭାରତ ମାନେ ମେକ ଇଣ୍ଡିଆ ଗ୍ରେଟ ଏଗେନ ବା 'ମିଗା' ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିଲେ । ଏହି 'ମାଗା' ଓ 'ମିଗା'କୁ ନେଇ ଉଭୟ ଦେଶ ମିଳିତ ଭାବେ କାମ କରୁଛନ୍ତି ବୋଲି ମୋଦି କହିଥିବା ବେଳେ ନୂଆ ଲକ୍ଷ୍ୟ ହାସଲ ପାଇଁ ଉଭୟ ଦେଶର 'ମେଗା' ସହଭାଗିତା କାମ ଦେବ ବୋଲି ମତପ୍ରକାଶ କରିଥିଲେ ।

୨୦୩୦ ସୁଦ୍ଧା ଉଭୟ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାରକୁ ୫୦୦ ବିଲିୟନ ଡଲାରକୁ ଉନ୍ନୀତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଥିଲେ । ପାରସ୍ପରିକ ବାଣିଜ୍ୟିକ ରାଜିନାମାରେ ଉପନୀତ ହେବା ପାଇଁ ତାଙ୍କ ଟିମ କାମ କରୁଥିବା ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ।

ଭାରତର ଶକ୍ତି ନିରାପତ୍ତା ପାଇଁ ତୈଳ ଓ ଗ୍ୟାସ ବାଣିଜ୍ୟକୁ ମଜଭୂତ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ଶକ୍ତି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେହିପରି ଆଣବିକ ଶକ୍ତି କ୍ଷେତ୍ରରେ ଛୋଟ ମୋଡ୍ୟୁଲାର ରିଆକ୍ଟର ଦିଗରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି ।

### ୧୯୯୧ ଉପାସନା ...

କାର୍ଯ୍ୟାନୁଷ୍ଠାନର ବଢୁଥିବା ଧାରାକୁ ରୋକିବାକୁ ଚେଷ୍ଟା କରିଥିଲେ । ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସିଙ୍କ ପୃଥକ ଆବେଦନକୁ ଅନୁରୂପ ଆବେଦନ ସହିତ ବିଚାର କରିବାକୁ ରାଜି ହୋଇଥିଲେ ।

ହିନ୍ଦୁ ସଂଗଠନ ଅଖିଳ ଭାରତୀୟ ସନ୍ଥ ସମିତି ୧୯୯୧ ଆଇନର ବୈଧତା ବିରୋଧରେ ଦାଏର ହୋଇଥିବା ମାମଲାରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା । ଧର୍ମ ନିରପେକ୍ଷତାର ପ୍ରତିଷ୍ଠିତ ନୀତିକୁ କ୍ଷୁଣ୍ଣ କରିବା ପାଇଁ ଏହା ଉଦ୍ଦେଶ୍ୟମୂଳକ ଏବଂ ଦୁର୍ଭାଗ୍ୟଜନକ ପ୍ରୟାସ ବୋଲି ଦର୍ଶାଇ ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧କୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ବିରୋଧ କରିବା ପାଇଁ କଂଗ୍ରେସ ଦଳ ସର୍ବୋଚ୍ଚ ନ୍ୟାୟାଳୟରେ ହସ୍ତକ୍ଷେପ ଆବେଦନ କରିଛି ।

### ପୁଲୱାମା ବାର୍ଷିକୀରେ ...

ଭାରତ ପ୍ରତି ବିଶ୍ୱର ଦୃଷ୍ଟିକୋଣ ବଦଳିଯାଇଛି । ବିଶ୍ୱର ସମସ୍ତ ଆତଙ୍କବାଦୀଙ୍କୁ ଏକ ବାର୍ତ୍ତା ଦିଆଯାଇଛି ଯେ ସେମାନେ ଭାରତର ସୀମା ଏବଂ ସେନା ସହ ଗଣ୍ଡଗୋଳ କରିପାରିବେ ନାହିଁ । ଶେଷରେ ସେ କହିଥିଲେ ଯେ ଦେଶର ସୁରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ସମସ୍ତ ୪୦ ଜଣ ସୈନିକଙ୍କୁ ମୁଁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଛି ।

### ୧୯ରୁ ରାଜ୍ୟର...

ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୦ ତାରିଖ ସକାଳ ସାଢ଼େ ୮ଟାରୁ ୨୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏବେ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ଥିବା ବେଳେ ଆସନ୍ତା ଦୁଇ ଦିନ ସକାଳେ ଉତ୍ତର ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଗୋଟିଏରୁ ଦୁଇଟି ଲେଖାଏଁ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ପଡିପାରେ । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।

### ହୋଇପାରିଲାନି ପ୍ରଶ୍ନୋତ୍ତର...

ଭାଗ ନେବା ଏବଂ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ବିରୋଧୀ ଦଳ ବିଧାୟକମାନେ ସେଥିପ୍ରତି କର୍ଣ୍ଣପାତ ନକରି ନାରାବାଜି, ହଟ୍ଟଗୋଳକୁ ଜୋରଦାର କରିଥିଲେ । ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ ଗୃହର ବୈଠକ ଆରମ୍ଭ ହୋଇଥିଲା । ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ । ପ୍ରଥମେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଓ ଋଷୀ ମାରଣ ନୀତି ପ୍ରସଙ୍ଗ ଉଠାଇ ଉଚ୍ଚସ୍ୱରରେ ନାରାବାଜି କରି ଗୃହ ମଝିକୁ ଆସିଥିବା ବେଳେ ତାଙ୍କ ଦଳର ଅନ୍ୟ ବିଧାୟକମାନେ ମଧ୍ୟ ସେଥିରେ ସାମିଲ୍ ହୋଇଥିଲେ । ଅନ୍ୟ ପକ୍ଷରେ ଏହି ସମୟରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ମଧ୍ୟ ଅନୁରୂପ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ନାରାବାଜି ଆରମ୍ଭ କରିଦେଇଥିଲେ । ଚାଷୀମାରଣ ନୀତି ଚଳିବ ନାହିଁ, କଟନୀ ଛଟନୀ ବନ୍ଦ କର, ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ସରକାରଙ୍କୁ ଦାୟୀ କରି ନାରାବାଜି କରଥିଲେ । ତେବେ ହଟ୍ଟଗୋଳ ଭିତରେ ବାଚସ୍ପତି ଜାତୀୟ ଶିକ୍ଷାନୀତି ସମ୍ପର୍କିତକ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଡାକିଥିଲେ । ହଟ୍ଟଗୋଳ ଭିତରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ଲିଖିତ ଉତ୍ତର ପଢିଥିଲେ ହେଁ ତାହା ସ୍ପଷ୍ଟ ହୋଇନଥିଲା । ଏହି ସମୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପନେତା ପ୍ରସନ୍ନ ଆଚାର୍ଯ୍ୟ ନିଜ ନିଜ ଆସନରେ ବସି ରହିଥିବା ବେଳେ ବିଜେଡ଼ିର ଅନ୍ୟ ବିଧାୟକମାନେ ଗୃହର ମଧ୍ୟଭାଗରେ ଏକାଠି ହୋଇ ସରକାରୀ ବିରୋଧୀ ଧ୍ୱନି ଦେଇଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏବଂ ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ନିଜ ନିଜ ଆସନରେ ଠିଆ ହୋଇ ରହିଥିବା ଦେଖା ଦେଇଥିଲା । ତେବେ ହଟ୍ଟଗୋଳ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଅନୁପସ୍ଥିତ ଥିଲେ । ଗୋଟିଏ ସମୟରେ ଦେଖା ଯାଇଥିଲା ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ବିରୋଧୀ ଦଳର ବିଧାୟକମାନେ ଜୋରଦାର ନାରାବାଜି ସହିତ ଟେବୁଲ ବାଡ଼େଇଥିଲେ । ଯାହା ଫଳରେ ଗୃହ କାର୍ଯ୍ୟ ଚଳାଇବାରେ ବାଚସ୍ପତି ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଫଳରେ ବାଚସ୍ପତି ଗୃହକୁ ୧୦.୩୪ ମିନିଟରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଦ୍ୱିତୀୟବାର ବୈଠକ ଆରମ୍ଭ ହୋଇଥିଲେ ହେଁ ଗୃହରେ ପୂର୍ବଭଳି ପରିସ୍ଥିତି ଲାଗି ରହିଥିଲା । ବିରୋଧୀ ବିଜେଡ଼ି ବିଧାୟକମାନେ ଗୃହ ମଝିକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଜୋରଦାର ନାରାବାଜି ଚଳାଇବାରୁ ହଟ୍ଟଗୋଳ ତୀବ୍ରତର ହୋଇଥିଲା । ଯାହାଫଳରେ ବାଚସ୍ପତି ପୁନର୍ବାର ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏହା ଫଳରେ ଶୁକ୍ରବାର ବିଧାନସଭାର ପ୍ରଥମାର୍ଦ୍ଧ ବୈଠକ ବସ୍ତୁତଃ ଅଚଳ ହୋଇ ପଡ଼ିଥିଲା ଏବଂ ଏଥିଯୋଗୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରି ନଥିଲା ।

### ସସ୍‌ପେଣ୍ଡ ଓ ବହିଷ୍କାର...

ଲେଖିଛନ୍ତି ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରିଦିଆଯାଇଛି । ବିଭିନ୍ନ ସମୟରେ କୌଣସି କାରଣରୁ ଯେଉଁମାନେ ଦଳ ଛାଡ଼ି ଚାଲି ଯାଇଛନ୍ତି, ସେମାନେ ପୁନର୍ବାର କଂଗ୍ରେସ ଦଳକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ । ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ ।

## ଟ୍ରାକ୍ଟରକୁ ଧକ୍କା ଦେଲା ମାଲ୍‌ବାହୀ ଟ୍ରେନ୍

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଯୋଡ଼ାବନ୍ଧ ନିକଟ ବେଦାନ୍ତ ରେଳ ଫାଟକରେ ଏକ ଟ୍ରାକ୍ଟରକୁ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିବାବେଳେ ଟ୍ରାକ୍ଟର ଚାଳକ ଗୁରୁତର ହୋଇଛନ୍ତି । ସୂଚନାନୁସାରେ ଯୋଡ଼ାବନ୍ଧରୁ ଗୋପୀନାଥପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂରେ ଶୁକ୍ରବାର ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀଙ୍କ ଟ୍ରାକ୍ଟର ଧାନ ଆଣିବାପାଇଁ ଚମ୍ପାଦେଈ ପୁରକୁ ଆସୁଥିଲା । ଏହି ସମୟରେ ରେଲୱେ କ୍ରସିଂରେ ହଠାତ୍ ଏକ ମାଲ୍‌ବାହୀ ଟ୍ରେନ୍ ଟ୍ରାକ୍ଟରକୁ ଧକ୍କା ଦେଇଥିଲା । ଫଳରେ ଗାଡ଼ି ଡ୍ରାଇଭର ଛିଟିକିପଡ଼ି ମୁଣ୍ଡରେ ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ସୂଚନାଥାଉକି ପୂର୍ବତଟ ରେଳପଥ ଅଧୀନସ୍ଥ ସମ୍ବଲପୁର ଡିଭିଜନର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଭାବେ ରାୟଗଡା ଜିଲ୍ଲା ଅମ୍ବାଦଳା ରେଳ ଜଙ୍କ୍ସନ ପରିଚିତ । ୨୦୦୪ରେ ଲାଞ୍ଜିଗଡଠାରେ ବେଦାନ୍ତ ଆଲୁମିନା ଲିମିଟେଡ଼ ସ୍ଥାପନ ହେବା ପରେ ୨୦୧୦ରେ ଅମ୍ବାଦଳା ରେଳ ଷ୍ଟେସନରୁ ବେଦାନ୍ତ କମ୍ପାନୀକୁ ପ୍ରାୟ ୨୦ କିମି ଦୂର ରେଳ ଲାଇନ ସଂଯୋଗ ହୋଇଛି । ଏହି ଲାଇନ ଦେଇ ଲାଞ୍ଜିଗଡ଼ ବେଦାନ୍ତ କାରଖାନାକୁ ଦୈନିକ ମାଲ୍ ପରିବହନ ପାଇଁ ମାଲ୍‌ବାହୀ ରେଳ ଯାତାୟାତ କରୁଛି । ହେଲେ ଅଧିକାଂଶ ଗାଁରେ ଲାଇନ କ୍ରସିଂରେ ସୁରକ୍ଷା ବ୍ୟବସ୍ଥା କିମ୍ବା ଫାଟକ ନାହିଁ ।

## କରଙ୍ଗାଭଟା ଜଙ୍ଗଲରେ ଲାଗିଲା ନିଆଁ

**କୋମନା, ୧୪।୦୨ :ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କରଙ୍ଗାଭଟା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ହଠାତ୍ ନିଆଁ ଲାଗିଥିଲା । ଗଛଲତା ପୋଡ଼ିଯାଉଥିବା ଦେଖି ଗାଁ ଲୋକେ ଜଙ୍ଗଲ ବିଭାଗର ତରବୋଡ଼ ଫରେଷ୍ଟ ବିଟ୍‌କୁ ଖବର ଦେଇଥିଲେ । ତରବୋଡ଼ ଫରେଷ୍ଟ ବିଟ୍ କର୍ମଚାରୀ ମନୁ ସଗରିଆ, ଜଙ୍ଗଲ ଜଗୁଆଳି ରୁଦ୍ରମଣୀ ପରୁଆ, କପୁରଚନ ଶବର ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏମାନଙ୍କୁ କରଙ୍ଗାଭଟା ଗ୍ରାମର ନୀଳକଣ୍ଠ କେତକୀ, ସେୱାରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଟାଟା ଷ୍ଟିଲ ପକ୍ଷରୁ ୧୦୦-ଦିନିଆ ଯକ୍ଷ୍ମା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**



ଟାଟା ଷ୍ଟିଲ ପକ୍ଷରୁ ଏକ ୧୦୦-ଦିନିଆ ଯକ୍ଷ୍ମା ମୁକ୍ତ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମା ଆନୁକୂଲ୍ୟରେ ଖଣ୍ଡବନ୍ଧ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ସ୍ଥାନୀୟ ବାସିନ୍ଦା ତଥା ଖଣ୍ଡବନ୍ଧ ଯୁଜିୟୁପି ସ୍କୁଲର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମୁଖ୍ୟ ଡାକ୍ତରଖାନା, ଯୋଡ଼ାର ଅଭିଜ୍ଞ ଡାକ୍ତରମାନେ ସମସ୍ତଙ୍କୁ ଯକ୍ଷ୍ମା ରୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏତଦବ୍ୟତୀତ ଏହାର ମୁକାବିଲା କରି ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ରୋଗ ମୁଖ୍ୟତଃ ବ୍ୟାକ୍ଟେରିଆ ଯୋଗୁଁ ବ୍ୟାପୁଥିବାରୁ ଏହାକୁ ସହଜରେ ପ୍ରତିହତ କରିହେବ ବୋଲି ଡାକ୍ତରମାନେ କହିଥିଲେ । ଏହି ରୋଗ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଟାଟା ଷ୍ଟିଲର ଅଧିକାରୀ ମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ସହଜରେ ଆରୋଗ୍ୟ ହୋଇ ପାରୁଥିବା ଏହି ରୋଗକୁ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅଭିଯାନରେ ଯୋଡ଼ା, କଳମଙ୍ଗ, ଗନ୍ଧଲପଡ଼ା ଏବଂ ଆଖପାଖ ଅଞ୍ଚଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

**SECTION - I**
**INVITATION FOR BIDS**
**(Bid Reference No.: 411)**
**C-1655**

In pursuance of the resolution of the 15th Council Meeting held at NAC Gopalpur at 11AM on 29.01.2025, the Notified Area Council, Gopalpur wants to lease out the Smart Park situated at ward No. 01, NAC Gopalpur on rental basis. In this regard, NAC Gopalpur invites sealed RFP Bid from competent and eligible bidders.
The following table provides a quick overview of the key activities and some important information about this tender.

| S.I No. | Particular | Details |
|---|---|---|
| 1. | RFP Reference | |
| 2. | Tender Issuing Authority | GOPALPUR NAC |
| 3. | Name of the project | Lease of Smart Park at Ward No. 01, NAC Gopalpur |
| 4. | Cost of the Tender Document | **Rs. 7,000/-+ 18% GST i.e .(Rs. 8260/-)** (Rupees Eight thousand two hundred sixty) only in shape of DD in favour of Executive Officer, Gopalpur NAC. |
| 5. | Earnest Money Deposit | **Rs. 12,000/- (Rupees Twelve Thousand Only)** In shape of a Demand Draft in favour of Executive Officer, Gopalpur NAC payable at Gopalpur. |
| 6. | Last Date and Time for Receiving of Bid by Regd. Post/Speed Post | **By 05: PM on 27.02.2025** |
| 7. | Date of opening of Bids | At 11: AM on 28.02.2025 at Conference Hall, NAC Gopalpur |
| 8. | Base Monthly Rental Amount for lease of Smart Park | **Rs. 28,000.00 (Rupees Twenty-Eight thousand only)** |
| 9. | Address of Communication / Submission of Proposals | The Executive Officer, Gopalpur NAC, Gopalpur Mail ID-nacgopalpur61@gmail.com |

N.B,: The details of the above RFP will be found in the website of NAC Gopalpur at nacgopalpur.in

**OIPR-13186/11/0009/2425**

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION,Balangir**
**A-1067**
Phone No-06652-232982(Off)e-mail:-mid_balangir@yahoo.co.in
***'e'-Procurement Notice***
**Bid Reference No- SE-MID-BLGR- 10/2024-25**
***No- 240 /MID // Date-13.02.2025***

Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | | |
|---|---|---|---|
| 1- | Name of the works | :- | Construction of New Check Dam and Improvement to Civil works. |
| 2- | No of Works | :- | **09(Nine)**Nos. |
| 3- | Estimated cost | :- | Varies from **Rs.8.10** Lakh to **Rs.51.99** lakh Only (Approx) |
| 4- | Period of completion | :- | **01(one) to 04(Four)** Calendar months. |
| 5- | Date and Time of availability of bid documents in the portal | :- | From **Dt- 17.02.2025** at 10.00 AM to **Dt- 27.02.2025** up to 5.00 PM. |
| 6- | Last date / time of receipt of bids in the portal :- | :- | **Dt- 27.02.2025** up to 5.00 PM. |
| 7- | Date of opening of Technical Bid | :- | **Dt- 28.02.2025** at 10.00 AM. Onwards. |
| 8- | Date of Opening of Financial Bid | :- | To be intimated Later on |
| 9- | Date of lottery scheduled to be held (If required) | :- | **Dt-07.03.2025** at-11.00 a.m in the O/O S.E.M.I.Division, Balangir |
| 10- | Name and address of the OIT | :- | O/O The Superintending Engineer, M.I.Division, Balangir Near Sub-Collector OfficeBalangir, Dist-Balangir |
| 11- | Further details can be seen from the e-Procurement market place | :- | http://tendersodisha.gov.in |

Sd/- Superintending Engineer
M.I.Division, Balangir
**OIPR-32063/11/0010/2425**

ଭୁବନେଶ୍ୱର
୧୫ ଫେବୃୟାରୀ
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ପାଇଁ ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଛି କଳିଙ୍ଗ ହକି ଷ୍ଟାଡ଼ିୟମ। (ଫଟୋ : ସମ୍ବାଦ କଳିକା)

## ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୪।୦୨**
**ନ୍ୟୁଜ୍ ବ୍ୟୁରୋ**

ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜେପି କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ନିଗମ, ବୋର୍ଡ, କମିଶନ ଓ ଜିଲ୍ଲା ପ୍ଲାନିଂ ବୋର୍ଡକୁ ନେଇ ବୈଠକରେ ହୋଇଛି ଆଲୋଚନା। ଚଳିତ ମାସ ଶେଷ ସୁଦ୍ଧା ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏହାଛଡ଼ା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ସାଂଗଠନିକ ନିର୍ବାଚନ, ରାଜ୍ୟ ସଭାପତି ଚୟନ, ୮ ମାସରେ ସରକାରଙ୍କ ଗତିବିଧି ଓ କାର୍ଯ୍ୟକୁ ନେଇ ଆଲୋଚନା ହୋଇଛି।

## ଦ୍ୱିତୀୟ ଥର ପାଇଁ ସ୍ଥିତି ଜାହିର କଲା ଲାଲବାହିନୀ

## କହମଗୁଡ଼ା ଛକ ଘାଟି ଅଞ୍ଚଳରେ ଲାଗିଲା ମାଓବାଦୀ ବ୍ୟାନର, ପୋଷ୍ଟର



**ବାଲିଗୁଡ଼ା, ୧୪।୦୨**
**ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ଅଞ୍ଚଳରେ ପୁଣି ଲାଲବାହିନୀ ବ୍ୟାନର ଓ ପୋଷ୍ଟର ଲାଗିଛି। କୋଟଗଡ଼ ଥାନା ସୁବର୍ଣ୍ଣଗିରି ରାସ୍ତାର କହମଗୁଡ଼ା ଛକ ନିକଟରେ ଶୁକ୍ରବାର ସକାଳୁ ବାଘୁନା ଡିଭିଜନାଲ କମିଟି ପକ୍ଷରୁ ଏକାଧିକ ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଗତ ୧୦ ତାରିଖ ଦିନ କୋଟଗଡ଼ ଥାନା ଜାମଝୋର ଗାଁ ନିକଟରେ ବାଘୁନା ଡିଭିଜନାଲ କମିଟି ପକ୍ଷରୁ ମାଓବାଦୀ ପୋଷ୍ଟର ଲଗାଇ ସ୍ଥିତି ଜାହିର କରିଥିବା ବେଳେ ଶୁକ୍ରବାର ପୁଣି ଲଗାତାର ଦ୍ୱିତୀୟ ଥର ପାଇଁ ପୋଷ୍ଟର ଲଗାଇ ସେମାନେ ଅଞ୍ଚଳରେ ସ୍ଥିତି ଜାହିର କରିଛନ୍ତି। ଉକ୍ତ ବ୍ୟାନର ଓ ପୋଷ୍ଟରରେ ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବାକୁ ଓଡ଼ିଶା ରାଜ୍ୟ କମିଟି ସିପିଆଇ ମାଓବାଦୀ ଡାକରା ଦେଇଛି।

# ବିଧାନସଭାରେ ମନ୍ତ୍ରୀଙ୍କ ସ୍ୱୀକାର : ଅଷ୍ଟମ ଶ୍ରେଣୀର ୫୦%ରୁ ଅଧିକ ପିଲାଙ୍କୁ ଆସୁନି ହରଣ

**ଭୁବନେଶ୍ୱର, ୧୪।୦୨**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପ୍ରାୟ ୫୦ ପ୍ରତିଶତରୁ ଅଧିକ ପିଲାଙ୍କୁ ହରଣ ଆସୁନି। ୩୦ ପ୍ରତିଶତରୁ ଅଧିକ ପିଲାଙ୍କୁ ଫେଡ଼ାଣ ଆସୁନି। ରାଜ୍ୟରେ ସ୍କୁଲ ଶିକ୍ଷାର ଏଭଳି ଦୟନୀୟ ଚିତ୍ରକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି। ବିଧାନସଭାରେ ଶୁକ୍ରବାର ବିଧାୟକ ଚକ୍ରମଣି କହଁରଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅସର ସର୍ବେକ୍ଷଣ ରିପୋର୍ଟକୁ ଆଧାର କରି ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କର ଶିକ୍ଷଣସ୍ତରର (ଫେଡ଼ାଣ ଓ ହରଣ)ର ତଥ୍ୟ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ଅସର ସର୍ବେକ୍ଷଣ ରିପୋର୍ଟ-୨୦୨୪ ଅନୁସାରେ ଫେଡ଼ାଣ ସମାଧାନ କରିପାରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୯.୫ ପ୍ରତିଶତ ରହିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୬% ପଏଣ୍ଟ ବଢ଼ିଛି। ଅର୍ଥାତ ୨୦୧୪ ମସିହାରେ ଅଷ୍ଟମରେ ପଢୁଥିବା ୬୩.୪ ପ୍ରତିଶତ ପିଲା ଫେଡ଼ାଣ ସମାଧାନ କରିପାରୁଥିବା ବେଳେ ୨୦୨୪ରେ ଏହି ହାର ୬୯.୫ ପ୍ରତିଶତ ରହିଛି। ଏବେବି ୩୦.୫ପ୍ରତିଶତ ପିଲା ଅଷ୍ଟମ ଶ୍ରେଣୀରେ ପଢ଼ି ମଧ୍ୟ ଫେଡ଼ାଣ ସମାଧାନ କରିବା ଶିଖିନାହାନ୍ତି। ତେବେ ଜାତୀୟସ୍ତରରେ ଅଷ୍ଟମରେ ପଢୁଥିବା ୬୮.୫ ପ୍ରତିଶତ ପିଲା ଫେଡ଼ାଣ ସମାଧାନ କରିପାରୁଛନ୍ତି। ଜାତୀୟସ୍ତର ତୁଳନାରେ ଓଡ଼ିଶାର ଅନୁପାତ ଅଧିକ ଅଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଅସର ସର୍ବେକ୍ଷଣ ରିପୋର୍ଟ-୨୦୨୪ ଅନୁସାରେ ଫେଡ଼ାଣ ସମାଧାନ କରିପାରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୯.୫ ପ୍ରତିଶତ ରହିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୬% ପଏଣ୍ଟ ବଢ଼ିଛି। ଅର୍ଥାତ ୨୦୧୪ ମସିହାରେ ଅଷ୍ଟମରେ ପଢୁଥିବା ୬୩.୪ ପ୍ରତିଶତ ପିଲା ଫେଡ଼ାଣ ସମାଧାନ କରିପାରୁଥିବା ବେଳେ ୨୦୨୪ରେ ଏହି ହାର ୬୯.୫ ପ୍ରତିଶତ ରହିଛି।

ସେହିପରି ରାଜ୍ୟର ଅଷ୍ଟମ ଶ୍ରେଣୀର ମାତ୍ର ୪୮.୫ ପ୍ରତିଶତ ଛାତ୍ରଛାତ୍ରୀ ହରଣ ସମାଧାନ କରି ପାରୁଛନ୍ତି। ୨୦୧୪ରେ ଏହି ପରିମାଣ ୩୭.୯ ପ୍ରତିଶତ ଥିବାବେଳେ ୨୦୨୪ରେ ଏହା ୪୮.୫ ପ୍ରତିଶତ ହୋଇଛି। ଅର୍ଥାତ ଏବେବି ରାଜ୍ୟର ୫୧.୫ ପ୍ରତିଶତ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ହରଣ ଶିଖିନାହାନ୍ତି । ମାତ୍ର ଗଣଶିକ୍ଷା ମନ୍ତ୍ରୀ ଏହି ହାରକୁ ଜାତୀୟ ସ୍ତରର ହାର ସହ ତୁଳନା କରି ଓଡ଼ିଶା ଭଲ ସ୍ଥିତିରେ ଅଛି ବୋଲି କହିବାକୁ ପଛାଇନାହାନ୍ତି। ଜାତୀୟସ୍ତରରେ ଅଷ୍ଟମ ଶ୍ରେଣୀର ୪୫.୮ ପ୍ରତିଶତ ପିଲା ହରଣ ଶିଖିଥିବାବେଳେ ଓଡ଼ିଶାର ୪୮.୫ ପ୍ରତିଶତ ପିଲା ଏହି ହରଣ ଶିଖିଛନ୍ତି। ଓଡ଼ିଶାରେ ଅଷ୍ଟମ ଶ୍ରେଣୀ ପିଲା ଯେଉଁ ହରଣ ସମାଧାନ କରିପାରୁଛନ୍ତି ସେମାନଙ୍କ ସଂଖ୍ୟା ବିଗତ ଏକ ଦଶନ୍ଧିରେ ପ୍ରାୟ ୧୧ ପ୍ରତିଶତ ବଢ଼ିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ରାଜ୍ୟ ସରକାର ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓଡ଼ିଆ, ଗଣିତ ଓ ଇଂରାଜୀ ବିଷୟରେ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇ ଅଭ୍ୟାସ କରାଯାଉଅଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିବା ସହ ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ଯୋଗାଇବାର ପ୍ରସ୍ତାବ ସମଗ୍ର ଶିକ୍ଷା ଯୋଜନା ଅନ୍ତର୍ଗତ ବାର୍ଷିକ ୱାର୍କ ପ୍ଲାନ ଓ ବଜେଟ ୨୦୨୫-୨୬ରେ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର-୨୦୨୫

**ଭୁବନେଶ୍ୱର, ୧୪।୦୨:ନ୍ୟୁଜ୍ ବ୍ୟୁରୋ**



କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ମୁମ୍ବାଇଠାରେ 'ସ୍ପୋର୍ଟଷ୍ଟାର' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ପକ୍ଷରୁ ୨୦୨୨ ପରେ ଦ୍ୱିତୀୟ ଥର ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଡ. ସାମନ୍ତ ସ୍ପୋର୍ଟଷ୍ଟାରକୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବରେ ରିଲିଆନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଳବାଇ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୦୪ ମସିହାରୁ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। କିଟ୍ ଓ କିସ୍‌ରେ ଉନ୍ନତ ଓ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଉଭୟ ଅନୁଷ୍ଠାନରୁ ଏପର୍ଯ୍ୟନ୍ତ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି। ଏହା ସହ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। କିଟ୍ ଓ କିସ୍‌ର ଏହି ସଫଳତା ସ୍ପୋର୍ଟଷ୍ଟାର ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଏକ ଶିକ୍ଷାନୁଷ୍ଠାନ ଭାବରେ କିଟ୍ ଓ କିସ୍ ବର୍ଷ ବର୍ଷ ଧରି ଅନେକ କ୍ରୀଡ଼ା ପୁରସ୍କାର ଜିତିଆସିଛି। ୨୦୨୩ରେ କିଟ୍‌କୁ ପ୍ରଥମ ସିଆଇଆଇ ସ୍ପୋର୍ଟସ ବିଜିନେସ୍ ପୁରସ୍କାର 'ବେଷ୍ଟ ସ୍ପୋର୍ଟସ ଫେସିଲିଟି' ପୁରସ୍କାର ମିଳିଥିଲା। ଏହା ପୂର୍ବରୁ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର; ଏଫସିସିଆଇ ଇଣ୍ଡିଆ କ୍ରୀଡ଼ା ପୁରସ୍କାର ୨୦୨୨; ଦି ହିନ୍ଦୁ ଦ୍ୱାରା ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାର ୨୦୨୨ ଏବଂ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସହନ ପାଇଁ ସର୍ବୋତ୍ତମ ଅବଦାନ ପାଇଁ ୨୦୧୯ରେ କିଟ୍‌କୁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି।

## ବାପା ଆଗରେ ଜଳଭଣ୍ଡାରକୁ ଡେଇଁପଡ଼ିଲେ ପୁଅ

**ସୁନାବେଡ଼ା, ୧୪।୦୨:ନ୍ୟୁଜ୍ ବ୍ୟୁରୋ**

ସୁନାବେଡ଼ା ଥାନା ଅଧୀନ ୨୬ନଂ. ଜାତୀୟ ରାଜପଥ ଟିମ୍ବର ବ୍ରିଜ୍ ଉପରେ ସ୍କୁଟି ରଖି ବାପାଙ୍କ ଆଗରେ ନଦୀକୁ ଜଣେ ଯୁବକ ଡେଇଁ ପଡ଼ିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଜାନୀଗୁଡ଼ା ଗ୍ରାମର ପାକୁଲୁ ଜାନୀଙ୍କ ପୁଅ ମଦନ ଜାନୀ(୨୨) ୨ ମାସ ହେବ ହାଲ୍ ସହରାଞ୍ଚଳରେ ଅସ୍ଥାୟୀ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ କିଛିଦିନ ହେବ ତାଙ୍କ ସ୍ତ୍ରୀଙ୍କ ସହ ସୁନାବେଡ଼ା ଚିକାପାର ଗାଁରେ ରହୁଥିଲେ। ଶୁକ୍ରବାର ବାପା ପାକୁଲୁ ତାଙ୍କୁ ଗାଁକୁ ଯିବାକୁ ଡାକିଥିଲେ। ବାପପୁଅ ଦୁଇଟି ଗାଡ଼ିରେ ଗାଁ ଅଭିମୁଖେ ବାହାରିଥିଲେ। ମଦନ ଠିକ୍ ଟିମ୍ବର ବ୍ରିଜ୍ ମଝାମଝିରେ ସ୍କୁଟିକୁ ରଖି ହଠାତ୍ ଜଳଭଣ୍ଡାରକୁ ଡେଇଁ ପଡ଼ିଥିଲେ। ପଛରେ ବାଇକ୍‌ରେ ଆସୁଥିବା ତାଙ୍କ ବାପା ଏହା ଦେଖି ତୁରନ୍ତ ସୁନାବେଡ଼ା ପୋଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁସୁମା କହଁର ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହ ସେମିଳିଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେମିଳିଗୁଡ଼ା ଅଗ୍ନିଶମ ବିଭାଗର ଏଲ୍‌ଏଫ୍‌ଏମ୍ ବିଜୟ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜେ.ଏମ୍ . ନାୟକ, ଆର. ଜାନୀ, ଏସ୍‌ସିଏଚ୍ ଶବର, ଏନ୍. ମାଝୀ ୫ ଜଣିଆ ଟିମ୍ ଜଳଭଣ୍ଡାରରେ ସନ୍ଧାନ ଜାରି ରଖିଛନ୍ତି।

# ସୁଦୃଢ଼ ଗ୍ରାମପଞ୍ଚାୟତ ହେଉଛି ବିକଶିତ ଓଡ଼ିଶାର ମୂଳପିଣ୍ଡ : ପଞ୍ଚାୟତିରାଜ ମନ୍ତ୍ରୀ

**ଭୁବନେଶ୍ୱର, ୧୪।୦୨**
**ନ୍ୟୁଜ୍ ବ୍ୟୁରୋ**

ପଞ୍ଚାୟତିରାଜ ମନ୍ତ୍ରୀ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ରାଜ୍ୟସ୍ତରୀୟ ବିକଶିତ ପଞ୍ଚାୟତ ପାଇଁ ଦକ୍ଷତା ବିକାଶ ଶୀର୍ଷକ କର୍ମଶାଳାକୁ ଉଦଘାଟନ କରିଛନ୍ତି ଏହି ଅବସରରେ ସେ କହିଛନ୍ତି, ସୁଦୃଢ଼ ଗ୍ରାମପଞ୍ଚାୟତ ହେଉଛି ବିକଶିତ ଓଡ଼ିଶାର ମୂଳପିଣ୍ଡ। ତେଣୁ ବିକଶିତ ପଞ୍ଚାୟତ ଗଠନ ଦ୍ୱାରା ହିଁ ବିକଶିତ ଓଡ଼ିଶା ଗଠନ ସମ୍ଭବ ବୋଲି ଏହି ଅବସରରେ ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ଦୃଢ଼ ନେତୃତ୍ୱରେ ସରକାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ୀକରଣ କରିବା ଦିଗରେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ନାଏକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୫ ତାରିଖରେ ଖୋର୍ଦ୍ଧାର ଜଙ୍କିଆ ମିନିଷ୍ଟାଡିୟମଠାରେ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା ବିକାଶ ଦିଗରେ ଏକ ଐତିହାସିକ ଦିନ। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତି ଗାଁକୁ ବିକଶିତ କରାଯିବ। ଦାରିଦ୍ରତା ଓ ଅନଗ୍ରସରତା ବିରୁଦ୍ଧରେ ଲଢ଼େଇ ଜାରି ରହିବ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି।

## ନୂଆ ମୁଖ୍ୟ ନିର୍ବାଚନ କମିଶନର ଚୟନ ପାଇଁ ୧୭ରେ ବୈଠକ

**ନୂଆଦିଲ୍ଲୀ, ୧୪।୦୨**

ଦେଶର ନୂଆ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଚୟନ ପାଇଁ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଫେବୃୟାରୀ ୧୭, ୨୦୨୫ରେ ତିନି ଜଣିଆ କମିଟି ବୈଠକ ଡକାଯାଇଛି। ଚୟନ କମିଟି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ମେଘାଲ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗ ଦେବେ। ବର୍ତ୍ତମାନର ସିଇସି ରାଜୀବ କୁମାରଙ୍କ କାର୍ଯ୍ୟକାଳ ଫେବୃୟାରୀ ୧୮ରେ ଶେଷ ହେଉଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ) ଆଇନ, ୨୦୨୩ର ବ୍ୟବସ୍ଥା ପ୍ରଥମ ଥର ପାଇଁ ସିଇସି ନିଯୁକ୍ତି ନେଇ କାର୍ଯ୍ୟକାରୀ କରାଯାଉଛି। ୨୦୨୨ ମେ ମାସରେ ରାଜୀବ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ନେତୃତ୍ୱରେ ନିର୍ବାଚନ ଆୟୋଗ ୨୦୨୪ରେ ସଫଳତାର ସହ ଲୋକସଭା ନିର୍ବାଚନ କରାଇଥିଲେ। ଏହାବ୍ୟତୀତ ଏକ ଦଶନ୍ଧିରୁ ଅଧିକ ସମୟ ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେଉ କିମ୍ବା ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ ଏବଂ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେଉ, ସେ ସଫଳତାର ସହ ସମ୍ପାଦନ କରିଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦ୍‌ଘାଟିତ

# ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ କୃଷି ଅର୍ଥନୀତି ଓଡ଼ିଶାର ପ୍ରଗତିରେ ସହାୟକ ହେବ




**ଭୁବନେଶ୍ୱର, ୧୪।୦୨**
**ନ୍ୟୁଜ୍ ବ୍ୟୁରୋ**

ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧିର ମହାକୁମ୍ଭ ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆୟୋଜିତ ଏହି ତିନି ଦିନିଆ ସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ କୃଷି ଅର୍ଥନୀତି ଓଡ଼ିଶାର ପ୍ରଗତିକୁ ବହୁଗୁଣିତ କରିବାରେ ସହାୟକ ହେବ।

ସମ୍ମାନନୀୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶରେ ଯୋଗ ଦେଇ କହିଛନ୍ତି, "ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ମାନେ ସାରଥି ସାଜିବେ। ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କ ଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟ ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସଶକ୍ତିକରଣ ହୋଇପାରିବ ବୋଲି କହିଛନ୍ତି। ଚାଷୀଙ୍କ ଆୟ ଦୁଇଗୁଣା କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

୨୦୨୫ ବର୍ଷ ପାଇଁ ଥିମ ରହିଛି "ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ।" ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ହୋଇଛି। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ। ୨ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୦ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହୋଇଛି। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଇଛି। ସମାବେଶରେ ଆକର୍ଷଣର କେନ୍ଦ୍ର ସାଜିଛି ରାଜସ୍ଥାନର ମଇଁଷି ଷଣ୍ଢ 'ଭୀମ'। ଆନ୍ଧ୍ରପ୍ରଦେଶର 'ପୁଙ୍ଗାନୁର' ଗାଈ ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି। 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା' ବୁଲିବାକୁ ଆସି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ କହିଛନ୍ତି ବିଭାଗୀୟ ମନ୍ତ୍ରୀ।ଏହି ଉଦ୍‌ଘାଟନ ସମାରୋହରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏମପେଡାର ଅଧ୍ୟକ୍ଷ ଡି.ଭି. ସ୍ୱାମୀ, ୱାର୍ଲ୍ଡଫିସର ମହାନିର୍ଦ୍ଦେଶକ ଡକ୍ଟର ଏସାମ ୟାସିନ ମହମ୍ମଦ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ମତ୍ସ୍ୟଚାଷୀ, ପ୍ରାଣିପାଳକ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମାର୍ଟ ସିଟି ଭୁବନେଶ୍ୱରର ବିକଳ ଚିତ୍ର : ଭରତପୁର ଛକରୁ ସମ୍ ହସ୍ପିଟାଲ ମୁଖ୍ୟ ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି। (ଫଟୋ : ସମ୍ବାଦ କଳିକା)

# କର୍ତ୍ତବ୍ୟରେ ଅବହେଳା: ଗୁରୁଣ୍ଡିଆ ଥାନାର ୨ କନେଷ୍ଟବଲଙ୍କୁ ନିଲମ୍ବନ କଲେ ଏସ୍‌ପି

**ବଣାଇ, ୧୪।୦୨:ନ୍ୟୁଜ୍ ବ୍ୟୁରୋ**

କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ଗୁରୁଣ୍ଡିଆ ଥାନାର ୨ କନେଷ୍ଟବଲଙ୍କୁ ନିଲମ୍ବିତ କଲେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ। ନିଲମ୍ବିତ କନେଷ୍ଟବଲ ଦ୍ୱୟ ହେଲେ ସୁରେନ୍ଦ୍ର କୁମାର କିଷାନ ଏବଂ ମହିଳା କନେଷ୍ଟବଲ ବୈଦେହୀ କୁମରା। ସୂଚନା ମୁତାବକ ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପଙ୍କଡିହି ପଞ୍ଚାୟତର ଜର୍ଡା ଗ୍ରାମରେ ଗତ ଜାନୁଆରୀ ୧୭ରେ ଜଣେ ନିଖୋଜ ଶିଶୁ କନ୍ୟାର ମୃତଦେହ ଏକ ନାଳରୁ ମିଳିବା ପରେ ଅପହରଣ ଓ ହତ୍ୟା ଅଭିଯୋଗ ସନ୍ଦେହରେ ଗ୍ରାମବାସୀଙ୍କ ମାଡରେ ଆହତ ଏକ ଦମ୍ପତି ବଣାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ତାଙ୍କ ମଧ୍ୟରୁ ମହିଳା ଜଣକ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଥିଲେ। ତେବେ ତାଙ୍କୁ ଜଗିବା ଦାୟିତ୍ୱରେ ଥିବା ଉପରୋକ୍ତ କନେଷ୍ଟବଲ ଦ୍ୱୟଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ସେମାନଙ୍କୁ ଏସ୍‌ପି ନିଲମ୍ବିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜଡ଼ା ଗ୍ରାମର ରାଜୁ ମୁଣ୍ଡାର ୪ ବର୍ଷର ଝିଅ ଦୀପାଳି ମୁଣ୍ଡା ଗତ ଜାନୁୟାରୀ ୧୭ ତାରିଖ ଖେଳିବା ପାଇଁ ଘରୁ ବାହାରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲା। ଫଳରେ ଘର ଲୋକ ପାଖ ପଡ଼ୋଶୀ ସବୁଆଡ଼େ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ଆଉ ପାଇ ନଥିଲେ। ପରେ ଘର ଠାରୁ କିଛି ଦୂରରେ ଚାଷ ଜମିରେ ଥିବା ଏକ ଛୋଟ ନାଳରେ ଶିଶୁ କନ୍ୟାର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଆଇଆଇସିଙ୍କ ରିପୋର୍ଟ କ୍ରମେ ଏସ୍‌ପି ୱାଧୱାନୀ କନେଷ୍ଟବଲ ଦ୍ୱୟଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି।